
ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com


ବାଲେଶ୍ୱର ❑ ରବିବାର ୦୯ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 09 November 2025
Vol.No. 36 ■ No.294 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଡିସେମ୍ବର ୧ରୁ ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ

ନୂଆଦିଲ୍ଲୀ,୮/୧୧ : ସଂସଦର ଶୀତକାଳୀନ ଅଧିବେଶନ ପାଇଁ ଘୋଷଣା ହେଲା ତାରିଖ। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଇନଷ୍ଟାଗ୍ରାମ ମାଧମରେ ଦେଲେ ସୂଚନା। ଇନଷ୍ଟା ପୋଷ୍ଟ ମାଧମରେ ରିଜିଜୁ ଜଣାଇଛନ୍ତି ଯେ, ଶୀତକାଳୀନ ଅଧିବେଶନ ଡିସେମ୍ବର ୧ରୁ ଡିସେମ୍ବର ୧୯ ପର୍ଯ୍ୟନ୍ତ ଚାଲିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସରକାରଙ୍କ ଶୀତକାଳୀନ ଅଧିବେଶନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଆଶା କରୁଛି ଶୀତକାଳୀନ ଅଧିବେଶନ ଗଠନମୂଳକ ଏବଂ ଫଳପ୍ରଦ ହେବ, ଯାହା ଆମର ଗଣତନ୍ତ୍ରକୁ ସୁଦୃଢ଼ କରିବ ଏବଂ ଲୋକଙ୍କ ଆକାଂକ୍ଷା ପୂରଣ କରିବ। ସଂସଦର ଏହି ଅଧିବେଶନ ଅନ୍ୟ ଅଧିବେଶନ ଅପେକ୍ଷା କମ୍ ସମୟର ହେବ। ଏହି ଅଧିବେଶନରେ



ବିହାର ବିଧାନସଭା ନିର୍ବାଚନର ଫଳାଫଳର ପ୍ରଭାବ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। ୧୨ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନର ଦ୍ୱିତୀୟ ପର୍ଯ୍ୟାୟକୁ ନେଇ ବିରୋଧୀଙ୍କ ବିରୋଧ ଦେଖାଯିବାର ସମ୍ଭାବନା ରହିଛି। ବିରୋଧୀ ଦଳ ଭୋଟର ତାଲିକାରେ ଅନିୟମିତତାକୁ ମଧ ଟାର୍ଗେଟ କରିପାରନ୍ତି। ସଂସଦର ଶୀତକାଳୀନ ଅଧିବେଶନରେ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ କରିବାକୁ ଚେଷ୍ଟା କରିବେ। ଏଥିରେ ୧୨୯ତମ ଏବଂ ୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍, ପବ୍ଲିକ୍ ଟ୍ରଷ୍ଟ ବିଲ୍ ଏବଂ the Insolvency and Bankruptcy Bill ଅନ୍ତର୍ଭୁକ୍ତ। ପୂର୍ବରୁ ୨୦୧୩ରେ ଶୀତକାଳୀନ ଅଧିବେଶନ ଏକ ଛୋଟ ଅଧିବେଶନ ଥିଲା। ଏହି ଅଧିବେଶନ ଡିସେମ୍ବର ୫ରୁ ଡିସେମ୍ବର ୧୮ ପର୍ଯ୍ୟନ୍ତ ମାତ୍ର ୧୪ ଦିନ ଚାଲିଥିଲା ଏବଂ ଏଥିରେ କେବଳ ୧୧ଟି ଅଧିବେଶନ ହୋଇଥିଲା। ଉଲ୍ଲେଖଯୋଗ୍ୟ, ସଂସଦର ମୌସୁମୀ ଅଧିବେଶନ ବହୁତ ହଙ୍ଗାମାପୂର୍ଣ୍ଣ ଥିଲା। ୨୦ଦିନ ଧରି, ଇଣ୍ଡି ବ୍ଲକ ସହିତ ଜଡିତ ବିରୋଧୀ ଦଳଗୁଡ଼ିକ ୫ଓଜ ପ୍ରସଙ୍ଗକୁ ନେଇ ଏକ ବଡ଼ ହଟ୍ଟଗୋଳ ସୃଷ୍ଟି କରିଥିଲେ। ଏଥର, ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗରେ ସରକାରଙ୍କୁ ପୁଣି ଥରେ ଘେରିବାର ସମ୍ଭାବନା ରହିଛି। ଗତ ଅଧିବେଶନରେ, ଲୋକସଭା ଏବଂ ରାଜ୍ୟସଭା ଉଭୟରେ କାର୍ଯ୍ୟଧାରା ଗୁରୁତର ଭାବରେ ବାଧାପ୍ରାପ୍ତ ହୋଇଥିଲା।

## କଟକରେ ପୁରୁଣା କୋଠା ଭୁଶୁଡ଼ିଲା: ଚାଲିଗଲା ୩ଜଣଙ୍କ ଜୀବନ

କଟକ, ୮/୧୧ (ନି.ପ୍ର): କଟକ ଜିଲ୍ଲାରେ ପୁଣି ଅଘଟଣ ଘଟିଛି । କୋଠା ଭୁଶୁଡ଼ି ୩ଜଣଙ୍କ ମୃତ୍ୟୁ ଘଟିଛି । ମଣିସାହୁ ଛକ ନିକଟରେ ଥିବା ହାଡ଼ିବନ୍ଧୁ ସ୍କୁଲ ନିକଟରେ ପୁରୁଣା କୋଠା ଭୁଶୁଡ଼ିବାରୁ ବସ୍ତିରେ ରହୁଥିବା ୩ ଜଣଙ୍କର ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରେ ଜଣେ ମହିଳା ଓ ଜଣେ ଶିଶୁ ଆହତ ହୋଇଛନ୍ତି । ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତକମାନଙ୍କର ପରିଚୟ ମିଳିପାରି ନାହିଁ । ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ପୁଲିସ ଉପସ୍ଥିତ ଥିବା ବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । କମିସନରେଟ୍ ପୁଲିସ କହିଛି, ଆଜି ଅପରାହ୍ନ ୪ଟା ୪୫ରେ ମଣିସାହୁ ଛକ ନିକଟରେ ଥିବା ଏକ ଆପାଟ୍ମେଣ୍ଟର ଅଂଶବିଶେଷ ଭୁଶୁଡ଼ିଥିଲା । ଭୁଶୁଡ଼ିଥିବା ଛାତର ଅଂଶବିଶେଷ ନିକଟରେ ଥିବା ବସ୍ତିର ଘର ଉପରେ ପଡ଼ିଥିଲା । ଫଳରେ ଯେଉଁ ଛୋଟ ଘରେ ଅବଶେଷ ପଡ଼ିଥିଲା, ସେଠାରେ ଏକ ପରିବାର ରହୁଥିଲେ । ଦୁର୍ଘଟଣା ସଂପର୍କିତ ଖବର ପାଇ ଅଗ୍ନିଶମ ବାହିନୀ ଓ ପୁଲିସ ପହଞ୍ଚି ଥିଲେ । ସ୍ୱାମୀ,ସ୍ତ୍ରୀ, ଜଣେ ମହିଳା ଓ ଦୁଇ ଛୋଟ ପିଲାଙ୍କୁ ଉଦ୍ଧାର କରାଯାଇ କଟକ ବଡ଼ଡାକ୍ତରଖାନା ନିଆଯାଇଥିଲା । ସେଠାରେ ବାପା, ମା’ ଓ ଜଣେ ୫ ବର୍ଷର ଶିଶୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ସୂର୍ଯ୍ୟମନ୍ଦିର ନାଟମଣ୍ଡପକୁ ଚଢ଼ି ପାରିବେନି ପର୍ଯ୍ୟଟକ



କୋଣାର୍କ, ୮/୧୧ (ନି.ପ୍ର): ବିଶ୍ୱ ଐତିହ୍ୟସ୍ଥଳୀ କୋଣାର୍କର ସୂର୍ଯ୍ୟମନ୍ଦିରରେ ବାରମ୍ବାର ଦୁର୍ଘଟଣା ଘଟୁଛି। ପର୍ଯ୍ୟଟକମାନେ ଆହତ ହେଉଥିବାକୁ ନଜରକୁ ଆସୁଛି। ଏହାକୁ ଦୃଷ୍ଟିରେ ରଖି ସୂର୍ଯ୍ୟମନ୍ଦିର ସାମ୍ନାରେ ଥିବା ପ୍ରଥମ ନାଟଣ୍ଡପକୁ ପର୍ଯ୍ୟଟକମାନଙ୍କୁ ବାରଣ କରାଯାଇଛି। ଏହା ଦ୍ୱାରା ପର୍ଯ୍ୟଟକମାନେ ଆଉ ନାଟମଣ୍ଡପକୁ ଚଢି କୀର୍ତିରାଜି ଓ ମୁଖ୍ୟ ମନ୍ଦିରର ଦୃଶ୍ୟକୁ ସେହିଠାରୁ ଦେଖି ପାରିବେ ନାହିଁ। ନାଟମଣ୍ଡପ ଉପରୁ ସେଲ୍‌ଫି ଓ ଫଟୋ ନେଇପାରିବେ ନାହିଁ। ଏଏସ୍ଆଇ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ପର୍ଯ୍ୟଟକମାନେ କୌଣସି କୀର୍ତ୍ତିରାଜିକୁ ପାଖରୁ ସ୍ପର୍ଶ କରିପାରିବେ ନାହିଁ। ଏନେଇ ଆଜି ଏଏସଆଇ ପକ୍ଷରୁ ନିଷେଧାଦେଶ ଜାରି କରାଯାଇ ସିକ୍ୟୁରିଟି ଗାର୍ଡମାନଙ୍କୁ ▶▶ପୃଷ୍ଠା ୭

## ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏୟାର ଇଣ୍ଡିଆର ବିମାନ ବିଳମ୍ବ: ମୁମ୍ବାଇରେ ୭ ଘଂଟା ଫସି ରହିଲେ ଯାତ୍ରୀ

ନୂଆଦିଲ୍ଲୀ/ମୁମ୍ବାଇନୂଆଦିଲ୍ଲୀ,୮/୧୧ : ଏୟାର ଇଣ୍ଡିଆର ମୁମ୍ବାଇ-ଲଣ୍ଡନ ବିମାନ (ଏଆଇ୧୨୯) ଶନିବାର ଦିନ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପ୍ରାୟ ୭ ଘଂଟା ବିଳମ୍ବରେ ଉଡ଼ାଣ କରିଛି। ଯେଉଁଥିପାଇଁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ଏବଂ ସେମାନେ ସୋସିଆଲ ମିଡିଆରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏୟାରଲାଇନ୍ସର ବିମାନଟି ପ୍ରଥମେ ସକାଳ ୬ଟା ୩୦ ରେ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଛାଡ଼ିବାକୁ ଥିଲା, କିନ୍ତୁ ଏବେ ଅପରାହ୍ନ ୧ ଟାରେ ଉଡ଼ାଣ କରିଛି। ସରକାରୀ ସୂତ୍ର ଅନୁଯାୟୀ, ବିଚଳିତ ଯାତ୍ରୀମାନେ ସକାଳ ୬ଟା ସମୟରେ ମୁମ୍ବାଇ-ଲଣ୍ଡନ ବିମାନରେ ଚଢ଼ିଥିଲେ, ଯାହା ନିର୍ଦ୍ଧାରିତ ସମୟ ୫ଟା ୨୦ ରୁ ପ୍ରାୟ ୪୦ ମିନିଟ୍ ବିଳମ୍ବ ଥିଲା।

## ଶେଷ ପର୍ଯ୍ୟାୟ କ୍ୟାମ୍ପେନରେ କମ୍ପୁଛି ନୂଆପଡ଼ା: ବିଶାଳ ରୋଡ୍ ଶୋ କରି ଭୋଟ୍ ମାଗିଲେ ମୁଖ୍ୟମନ୍ତ୍ରୀ


ନୂଆପଡ଼ା, ୭/୧୧ (ନି.ପ୍ର): ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଏବଂ ହେଭିୱେଟ ବସନ୍ତ ପଣ୍ଡାଙ୍କୁ ସାଙ୍ଗରେ ଧରି ମାରାଥନ୍ ପ୍ରଚାର । ଆଜି ଦ୍ୱିତୀୟ ଥର ପାଇଁ ପ୍ରଚାର ମୈଦାନକୁ ଓହ୍ଲାଇ ବିଜେଡି ଆଉ ନବୀନଙ୍କୁ ପୁଣି ଥରେ କଡା ଟାର୍ଗେଟ କରିଛନ୍ତି ମୁଖ୍ୟମନ୍ତ୍ରୀ। ପ୍ରଥମେ ମୁଖ୍ୟମନ୍ତ୍ରୀ ନୂଆପଡାରେ ପହଂଚି ସୁନାବେଡା ଯାଇ ମା ସୁନା ଦେଈଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ନେଇଥିଲେ। ପରେ ସେହିଠାରେ ନିର୍ବାଚନୀ ମଞ୍ଚରେ ବିଜେଡିକୁ ଟାର୍ଗେଟ କରି କହିଥିଲେ ନବୀନ ବାବୁ ୨୪ ବର୍ଷରେ ନୂଆପଡ଼ାର ଆଦିବାସୀ ଜନଜାତିଙ୍କ ପ୍ରତି ଅବହେଳା କରିଛନ୍ତି। ମୁଁ ସରପଞ୍ଚ ଥିଲି, ଆଦିବାସୀ ପରିବାରର। ତେଣୁ



ଆଦିବାସୀଙ୍କ ଦୁଃଖ ବୁଝିବୁ। ନବୀନ ବାବୁ ଖାଲି ଭୁବନେଶ୍ୱରରେ ରହି କହିଲେ ଆପଣମାନେ ଖୁସି ତ। ବିରୋଧୀ ଦଳ ନେତା ଆପଣକଙ୍କ ଅଞ୍ଚଳକୁ ଆସିବେ ନା ଆପଣଙ୍କ ଭାଷାରେ କଥା ହେବେ ବୋଲି ପ୍ରଶ୍ନ କରିଥିଲେ ମୁଖ୍ୟମନ୍ତ୍ରୀ। ଆସନ୍ତାକାଲି ପ୍ରଚାରର ଶେଷ ଦିନ ଥିବାରୁ କଂଗ୍ରେସ ଓ ବିଜେଡି ବି ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ଆଜି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ରାଜ୍ୟ ନେତୃତ୍ୱଙ୍କ ସହ କୋମନା ଅଞ୍ଚଳରେ ପ୍ରଚାର କରୁଥିଲା ବେଳେ ଆସନ୍ତାକାଲି କେନ୍ଦ୍ରୀୟ ନେତା ତଥା ସାଧାରଣ ସଂପାଦକ ସଚିନ୍ ପାଇଲଟ୍ ମୈଦାନକୁ ଓହ୍ଲାଉଥିବା କୁହାଯାଉଛି। ସେପଟେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ କୋମନାରେ ରାଲି କରିବା ସହ ଘର ଘର ବୁଲି ଭୋଟ୍ ଭିକ୍ଷା କରିଛନ୍ତି। ନିର୍ବାଚନ ପ୍ରଚାରକୁ ଆଉ ମାତ୍ର ଗୋଟିଏ ଦିନ ବାକି ଥିଲା ବେଳେ ନୂଆପଡ଼ା ଗଡ଼ ଜିତିବାକୁ ଜି ଜାନ୍ ଲଗେଇ ଦେଇଛନ୍ତି ୩ ଦଳ।

## ଶରଧାବାଲି ଦଳାଚକଟା ଘଟଣା: ତଦନ୍ତ ସରିଛି, କାର୍ଯ୍ୟାନୁଷ୍ଠାନ ନିଆଯିବ: ମନ୍ତ୍ରୀ

ଭୁବନେଶ୍ୱର, ୮/୧୧ (ନି.ପ୍ର): ଶରଧାବାଲିରେ ଦଳାଚକଟା ଘଟଣା ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, ଏହି ଘଟଣା ନେଇ ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ଆସିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ ଏହାକୁ ଅନୁମୋଦନ ଦେଇଛନ୍ତି। ଘଟଣାର ତଦନ୍ତ ସରିଛି। ଏହି ଘଟଣା ସହିତ ଯାହାର ସଂପୃକ୍ତି ଥିବ, ସେହି ବ୍ୟକ୍ତିଙ୍କ ବିରୋଧରେ କଡ଼ା



କାର୍ଯ୍ୟାନୁଷ୍ଠାନ ନିଆଯିବ। ରଥଯାତ୍ରା ସମୟରେ ପୁରୀ ଗୁଣ୍ଡିଚା ମନ୍ଦିର ସାମ୍ନାରେ ଦଳାଚକଟା ଘଟଣାରେ କାର୍ଯ୍ୟାନୁଷ୍ଠାନକୁ ସୁପାରିସ୍ ମିଳିଛି। ଏହି ଘଟଣାରେ ଉନ୍ନୟନ କମିସନର ଅନୁ ଗର୍ଗଙ୍କ ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁପାରିସ୍ କରାଯାଇଛି। ଏହି ରିପୋର୍ଟରେ ୭ ଜଣ ପୁଲିସ ଅଧିକାରୀ କାର୍ଯ୍ୟରେ ଅବହେଳା କରାଯାଇଥିବା ଉଲ୍ଲେଖ କରାଯାଇଛି। ଏମାନେ ହେଲେ କମାଣ୍ଡାଣ୍ଟ ଅଜୟ କୁମାର ପାଢ଼ୀ, ଡିସିପି ବିଷ୍ଣୁପ୍ରସାଦ ପତି, କମାଣ୍ଡାଣ୍ଟ ତାପସ ଦାସ। କେକେ ନାୟକ, ଡିଏସ୍‌ପି ପ୍ରଶାନ୍ତ ସାହୁ, ସୁଶାନ୍ତ ସାହୁ, କମାଣ୍ଡାଣ୍ଟ ଶାରଦା ଦାଶ। ▶▶ପୃଷ୍ଠା ୭

## ପୁଣି ପରୀକ୍ଷା ଦ୍ୱନ୍ଦ୍ୱ: ଆଜି ଗୋଟିଏ ଦିନ ଗୋଟିଏ ସମୟରେ ଏଏସଓ ଏଜି ଓ ଆରଆଇ ପରୀକ୍ଷା

ଭୁବନେଶ୍ୱର, ୮/୧୧ (ନି.ପ୍ର): ପୁଣି ଉପୁଜିଲା ପରୀକ୍ଷା ଦ୍ୱନ୍ଦ୍ୱ । କାଲି ଗୋଟିଏ ଦିନ ଗୋଟିଏ ସମୟରେ ଦୁଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତିଭିତ୍ତିକ ପରୀକ୍ଷା । ଆସନ୍ତାକାଲି ଓପିଏସ୍‌ସି ପକ୍ଷରୁ ରହିଛି ଏଏସ୍‌ଓ ଏଜି ଲିଖିତ ପରୀକ୍ଷା। ଦିନ ୯ଟା, ୧୧ଟା ୩୦ ଓ ୨ଟା ୩୦ରେ ୩ଟି ସିଟିଂରେ ଏହି ପରୀକ୍ଷା ହେବ। ଅନ୍ୟପକ୍ଷରେ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ବା ଓଟ୍ରିପଲ୍‌ଏସ୍‌ସି ପକ୍ଷରୁ ଚାଲିଛି ଆରଆଇ ଏବଂ ଆରଆଇ ପରୀକ୍ଷା । ଆସନ୍ତାକାଲି ଦିନ ୯ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ଏହି ପରୀକ୍ଷା ଥିବା ସୂଚନା ମିଳିଛି। ଏହି ସମାନ ସମୟରେ ଏଏସ୍‌ଓ ପେପର-୧ ପରୀକ୍ଷା ହେବାକୁ ଥିବାରୁ, କ୍ଷୋଭ ପ୍ରକାଶ କରିଛନ୍ତି ନିଯୁକ୍ତି ଆଶାୟୀ । ତେବେ ଏନେଇ ଓପିଏସ୍‌ସି କିମ୍ବା ଓଟ୍ରିପଲ୍‌ଏସ୍‌ସି ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ ।

## ବୋଲଗଡ ପାସେଞ୍ଜର ହଲ୍ଟ ହେବ ପୂର୍ଣ୍ଣାଙ୍ଗ ରେଳ ଷ୍ଟେସନ

ଭୁବନେଶ୍ୱର, ୮/୧୧ (ନି.ପ୍ର): ପୂର୍ଣ୍ଣାଙ୍ଗ ରେଳ ଷ୍ଟେସନରେ ପରିଣତ ହେବ ବୋଲଗଡ ପାସେଞ୍ଜର ହଲ୍ଟ । ପୂର୍ବତଟ ରେଳପଥ ମହା ପ୍ରବନ୍ଧକଙ୍କ ଲିଖିତ ପତ୍ରରେ ଏହାର ସ୍ପଷ୍ଟୀକରଣ ହେବା ସହ ରେଳଷ୍ଟେସନ ହେବା ସୁନିଶ୍ଚିତ ହୋଇଛି । ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦେବା ସହ ଏଥିପାଇଁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ରେଳ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏକ ପୋଷ୍ଟରେ ଅପରାଜିତା ଲେଖିଛନ୍ତି ବୋଲୋଗଡ଼ ଜନସାଧାରଣ ଏବଂ ଅଂଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନର ଆଗ୍ରହ ଏବଂ ଆବଶ୍ୟକତା କ୍ରମେ ମୁଁ ନିୟମିତ ଭାବେ ବୋଲୋଗଡ଼ ପାସେଞ୍ଜର ହଲ୍ଟକୁ ପୂର୍ଣ୍ଣାଙ୍ଗ ରେଳ ଷ୍ଟେସନରେ ପରିବର୍ତ୍ତନ ଏବଂ ଏହାର ଉନ୍ନତିକରଣ ପାଇଁ ପ୍ରୟାସ କରି ଆସୁଥିଲି । ଆଜି ପୂର୍ବତଟ ରେଳପଥ ମହା ପ୍ରବନ୍ଧକଙ୍କ ଲିଖିତ ପତ୍ରରେ ଏହାର ସ୍ପଷ୍ଟୀକରଣ ହେବା ସହ ରେଳଷ୍ଟେସନ ହେବା ସୁନିଶ୍ଚିତ ହୋଇ ପାରିଛି ।ଏହି ଅବସରରେ ସମ୍ପୂର୍ଣ ବୋଲଗଡ ବାସୀଙ୍କ ଶୁଭେଚ୍ଛା ଜଣାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି , ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଏବଂ କୃତଜ୍ଞତା ଜଣାଉଛି ।

## ଟ୍ରମ୍ପଙ୍କ ଅଜବ ନିୟମ: ମଧୁମେହ, ମୋଟା ହୋଇଥିଲେ ଆମେରିକା ମନା

ନୂଆଦିଲ୍ଲୀ,୮/୧୧ : ନିଜର ବୟାନ ଓ ନିଷ୍ପତ୍ତି ପାଇଁ ଚର୍ଚ୍ଚାରେ ରହି ଆସୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଆଉ ଏକ ଅଜବ ନିୟମ ପ୍ରଣୟନ କରିଛନ୍ତି। ଆମେରିକାରେ ରହିବାକୁ ଚାହୁଁଥିବା ବିଦେଶୀ ନାଗରିକଙ୍କ ପାଇଁ ସେ ଗୋଟିଏ କଠୋର ତଥା ଚକିତ କରିବା ଭଳି ନିଷ୍ପତ୍ତି ନେଇଛନ୍ତି। ମଧୁମେହ, ମେଦବହୁଳତା ଓ ହାର୍ଟ ଜନିତ ରୋଗରେ ପୀଡ଼ିତ ଥିବା ଲୋକଙ୍କୁ ଆମେରିକା ଏଣିକି ଭିସା ଓ ଗ୍ରୀନ କାର୍ଡ ଦେବାକୁ ମନା କରି ଦେଇପାରେ। ଏପରି ନୂଆ ଗାଇଡଲାଇନ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଜାରି କରାଯାଇଛି। ଏହାକୁ ନେଇ ସାରା ବିଶ୍ୱରେ ହଇଚଇ ସୃଷ୍ଟି ହୋଇଛି। ଟାଇମ୍ସ ଅଫ ଇଣ୍ଡିଆରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଟ୍ରମ୍ପ ପ୍ରଶାସନ ପକ୍ଷରୁ ଏପରି ନିର୍ଦ୍ଦେଶନାମା ବିଶ୍ୱର ବିଭିନ୍ନ ଦେଶରେ ଥିବା ଆମେରିକା ଦୂତାବାସକୁ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ପଠା ଯାଇଛି। ଏଣିକି ଆବେଦନକାରୀଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଯାଞ୍ଚ କରିବା ପରେ ଭିସା ଅଧିକାରୀମାନେ ସେମାନଙ୍କୁ ଆମେରିକାରେ ପ୍ରବେଶ ପାଇଁ ଅନୁମତି ମିଳିବ କି ନାହିଁ, ତା’ର ନିଷ୍ପତ୍ତି ନେବେ। କିନ୍ତୁ ଆମେରିକାକୁ ଭ୍ରମଣ କରିବାକୁ ଯାଉଥିବା ଲୋକଙ୍କ କ୍ଷେତ୍ରରେ ଟ୍ରମ୍ପଙ୍କ ଏପରି ଅଜବ ନିୟମ ଲାଗୁ ହେବ କି ନାହିଁ, ସେନେଇ କୌଣସି ସ୍ପଷ୍ଟତା ମିଳିପାରି ନାହିଁ। ତେବେ



ହୃଦରୋଗ, ଶ୍ୱାସ ରୋଗ, କର୍କଟ, ମଧୁମେହ, ମୋଟାପଣ, ଉଚ୍ଚ ରକ୍ତ ଚାପ, ସ୍ନାୟୁ ଜନିତ ରୋଗ ଓ ମାନସିକ ରୋଗରେ ପୀଡ଼ିତ ଲୋକଙ୍କ ଆମେରିକାରେ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ ବୋଲି ଟ୍ରମ୍ପ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ଆହୁରି କୁହାଯାଇଛି ଯେ କେବଳ ଉଲ୍ଲେଖ ରହିଥିବା ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତି କରୁଥିବା ଲୋକଙ୍କ ଉପରେ କଟକଣା ସୀମିତ ନୁହେଁ। ବୈଦେଶିକ ବିଭାଗ ନିର୍ଦ୍ଦେଶନାମାରେ ଅଧିକାରୀମାନଙ୍କୁ ବିଶେଷ କରି ମୋଟାପଣ ଭଳି ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଧ୍ୟାନ ଦେବାକୁ କୁହାଯାଇଛି। କାରଣ ମୋଟାପଣ ଯୋଗୁ ଆସ୍ଥମା, ଶୋଇବା ସମସ୍ୟା ଓ ଉଚ୍ଚ ରକ୍ତ ଚାପ ଭଳି ଜଟିଳତା ମଧ ସୃଷ୍ଟି ହୋଇପାରେ। ତେଣୁ ଭିସା ଅନୁମତି ବେଳେ ଏହା ଉପରେ ମଧ ଗୁରୁତ୍ୱ ଦେବାକୁ କୁହାଯାଇଛି। ଏପରି ନିର୍ଦ୍ଦେଶନାମା ପଛରେ ଟ୍ରମ୍ପ ଅଜବ ଯୁକ୍ତି ମଧ ରଖିଛନ୍ତି। ତାଙ୍କ ପ୍ରଶାସନର କହିବା କଥା ଯେ ଏଭଳି ରୋଗରେ ପୀଡ଼ିତ ଥିବା ଲୋକମାନେ ଭବିଷ୍ୟତରେ ଆମେରିକାର ଆର୍ଥିକ ବୋଝ ପାଲଟିବେ। ତେଣୁ ଏବେ ଠାରୁ ହିଁ ବହୁବିଧ ରୋଗରେ ପୀଡ଼ିତ ଲୋକଙ୍କ ଆମେରିକା ପ୍ରବେଶ ଉପରେ ଟ୍ରମ୍ପ ପ୍ରଶାସନ ରୋକ ଲଗାଇବାକୁ ଚାହୁଁଛନ୍ତି। ▶▶ପୃଷ୍ଠା ୭

## ୧୮ ଶହ କୋଟିର ପୁଣେ ଜମି ଦୁର୍ନୀତି ମାମଲା: ପାର୍ଥ ପାୱାରଙ୍କ କମ୍ପାନୀକୁ ୪୩ କୋଟିର ଷ୍ଟାମ୍ପ ଡ୍ୟୁଟି ନୋଟିସ୍

ନୂଆଦିଲ୍ଲୀ,୮/୧୧ : ପୁଣେ ଜମି କିଣା ସ୍କାମରେ ଫସିଥିବା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ନିଜ ପଦ ବଞ୍ଚାଇବାକୁ ଯାଇ ଏହି କିଣାବିକା ରଦ୍ଦ ହୋଇଛି ବୋଲି ସଫେଇ ଦେଇଛନ୍ତି । ମାତ୍ର ଏହି ଜମି କିଣାବିକା ମାମଲାରେ ପାର୍ଥ ପାୱାରଙ୍କ ଫାର୍ମକୁ ରାଜ୍ୟ ସରକାର ଷ୍ଟାମ୍ପ ଡ୍ୟୁଟି ବାବଦରେ ୪୩ କୋଟି ଟଙ୍କାର କ୍ଷତିପୂରଣ ନୋଟିସ ଦେବା, ବାପା ଅଜିତ ପାୱାରଙ୍କ ସଫେଇକୁ ମିଛ ପ୍ରମାଣିତ କରିଛି। ପୁଅ ପାର୍ଥଙ୍କ ଫାର୍ମ ଦ୍ୱାରା ପୁଣେ ଜମି କିଣାରେ ତାଙ୍କର ଭୂମିକା ନଥିବା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ



ଅଜିତ ପାୱାର ଗତକାଲି ସଫେଇ ରଖିଥିଲେ। ଏଥିରେ ଯେଉଁମାନେ ଜଡ଼ିତ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସଙ୍କୁ ଅନୁରୋଧ କରିଥିଲେ । ମାତ୍ର ପୁଅ ପାର୍ଥଙ୍କ ଫାର୍ମ ଆମେଡିଆ ଏଣ୍ଟରପ୍ରାଇଜ ଏକ ଲିମିଟେଡ ଲାଏବେଲଟି ଫାର୍ମ। ଯେଉଁଥିରେ ପାର୍ଥଙ୍କ ୯୯% ଓ ତାଙ୍କ ପାର୍ଟନର ଦିଗବିଜୟ ପାଟିଲଙ୍କର ମାତ୍ର ୧% ମାଲିକାନା ଅଛି । ▶▶ପୃଷ୍ଠା ୭

# ସମ୍ବଲପୁର ମହୋତ୍ସବ-୨୦୨୫ ପ୍ରସ୍ତୁତି ବୈଠକ

ସମ୍ବଲପୁର,୮/୧୧ (ନି.ପ୍ର): ସମ୍ବଲପୁର ମହୋତ୍ସବ-୨୦୨୫ ର ପ୍ରସ୍ତୁତି ବୈଠକରେ ଚଳିତ ବର୍ଷ ପାଇଁ ମୌଳିକ ଲୋକଗୀତ ସହ ଲୋକଗୀତ ଉପରେ ଆଧାରିତ ଗୀତ, ଆଦିବାସୀ ଗୀତ, ସମ୍ବଲପୁରୀ ସୁଗମ ସଂଗୀତ ଏବଂ ସାଂପ୍ରତିକ ସମ୍ବଲପୁରୀ ଗୀତକୁ ସ୍ଥାନିତ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ଗୀତସଂଗୀତ କମିଟୀର ଆବାହକ ଗାୟକ ରବିନ୍ଦ୍ର ପଣ୍ଡାଙ୍କ ସହ ଗାୟକ ରାଜ୍ କୁମାର ଜାଲ୍, କଳାକାର ଧରଣୀଧର ନାଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଗୁରୁ ଦୁର୍ଗାପ୍ରସାଦ ଦାଶ ଓ ଗୁରୁ ରଂଜନ ସାହୁଙ୍କ ପରାମର୍ଶରେ ମଂଚରେ ପରିବେଷଣ ହେବାକୁ ଥିବା ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକ୍ରମ ପାଇଁ ଅନେକ ଗୁରୁତ୍ୱପୂର୍ଣ ନିଷ୍ପତି ନିଆଯାଇଛି। ପଶ୍ଚିମାଂଚଳର ପାରଂପାରିକ ବାଦ୍ୟ ସହ ଆବଶ୍ୟକ ସ୍ଥଳରେ ଢ଼ୋଲକ୍ ଓ ଡୁବି ତବ୍‌ଲାର ମଧ୍ୟ ଉପଯୋଗ କରାଯିବ। ସେହିପରି 'ସାମାଜିକ ଗଣ ମାଧ୍ୟମ କମିଟୀ' ର ବୈଠକରେ ସମ୍ବଲପୁର ମହୋତ୍ସବ ର ପ୍ରଚାର ଓ ପ୍ରସାର ପାଇଁ କଂଟେଟ୍ କ୍ରିଏଟର୍ସମାନଙ୍କୁ ପଶ୍ଚିମାଂଚଳର ସଂସ୍କୃତିର ସୁଦୂର ପ୍ରସାର ପାଇଁ ଆହ୍ୱାନ ଦିଆଯାଇଛି। ବିଭିନ୍ନ ସାମାଜିକ ମାଧ୍ୟମ, 'ଇନଷ୍ଟାଗ୍ରାମ୍', 'ଫେସ୍ ବୁକ୍' ଓ 'ୟୁ-ଟ୍ୟୁବ୍' ମାଧ୍ୟମରେ ଏହାର ବ୍ୟାପକ ପ୍ରଚାର ବ୍ୟବସ୍ଥା କରାଯାଇଛି। ଇନ୍‌ଷ୍ଟାଗ୍ରାମ୍‌ରେ 'ସମ୍ବଲପୁର ଅଣ୍ଡର ସ୍କୋର ମହୋତ୍ସବ' ଓ 'ଫେସ୍ ବୁକ୍' ରେ 'ସମ୍ବଲପୁର ମହୋତ୍ସବ' କୁ ଯାଇ ସମସ୍ତେ ଏ ବାବଦରେ ସବୁ ବିଷୟ ପ୍ରସଙ୍ଗ ସଂପର୍କରେ ଅବଗତ ହୋଇପାରିବେ। ଏହି କମିଟୀର ଆବାହକ ସ୍ୱନ୍ଦନ ବେହେରା ଓ ଆବାହକ ଲୋକନାଥ ପୂଝାରୀ ଏ ବାବଦରେ ଆବଶ୍ୟକୀୟ ସଂଯୋଜନା କରୁଛନ୍ତି। ସ୍ମରଣିକା କମିଟୀର ଆବାହକତ୍ୱରେ ସମ୍ବଲପୁର ମହୋତ୍ସବର 'ଭାଷା-ସାହିତ୍ୟ କମିଟୀ'ର ଦିଗଦର୍ଶକ ଡ. ଶଶାଙ୍କ ଶେଖର ପଣ୍ଡା, ସାହିତ୍ୟିକ ଡ. ପ୍ରଦୀପ ପଣ୍ଡା, ସାହିତ୍ୟିକ କ୍ଷେତ୍ରମଣି ବିଭାର, ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ପ୍ରମୂଖ ଏବର୍ଷ ସମ୍ବଲପୁର ମହୋତ୍ସବ ଅବସରରେ ପ୍ରକାଶ ପାଇବାକୁ ଯାଉଥିବା 'ସୋର୍‌ରଖା' (ସ୍ମରଣିକା),ମଂଚରେ ହେବାକୁ ଥିବା 'ସାହିତ୍ୟୋତ୍ସବ', ଭାବ୍ ବିଚାର(ସେମିନାର) ର ବିଷୟ ବସ୍ତୁ, ଉଦ୍‌ଘାଟକ, ବକ୍ତା, ଆଲୋଚକଙ୍କ ବାବଦରେ ସବିଶେଷ ପରାମର୍ଶ ଦେଇଥିଲେ। ସୋରରଖା (ସ୍ମରଣିକା) କମିଟୀର ଆବାହକ ଡ.ସୋମଦତ ପ୍ରଧାନ କେବଳ ସମ୍ବଲପୁରୀ ଓ ଇଂରାଜୀ ଭାଷାରେ ପ୍ରକାଶ ପାଇବାକୁ ଥିବା ସୋରରଖାର ଅଗ୍ରଗତି ସଂପର୍କରେ ଜଣାଇଥିଲେ। ଏଥିପାଇଁ ଆହୁରି ଲେଖା ପାଇଁ ସେ ଅଂଚଳର ଲେଖକ, ପ୍ରବନ୍ଧକ, ଚିନ୍ତା ନାୟକଙ୍କୁ ଆହ୍ୱାନ ଜଣେଇଥିଲେ। ଅଧ୍ୟାପକ ତୁଷାର ରଂଜନ ବାରିକ ଏସବୁ ବିଷୟରେ ତାଙ୍କର ସୁଚିନ୍ତିତ ମତାମତ ଦେଇଥିଲେ। ଆବାହକ ମାନସ କୁମାର ଷଡ଼ଙ୍ଗୀ 'ସାହିତ୍ୟୋତ୍ସବ' ଓ କବିତା ପାଠ ପାଇଁ ଅଭିନବ ପ୍ରୟୋଗ ବାବଦରେ ତଥ୍ୟ ପ୍ରଦାନ କରିଥିଲେ। ପ୍ରବୀଣ ସୂପକାର ଓ ରାଜେଶ ଚଇନି ଏହି କମିଟୀର ସହଯୋଗୀ ଭାବରେ କାର୍ଯ୍ୟ ନିର୍ବାହ କରିବାକୁ ମନୋନିତ ହୋଇଛନ୍ତି। ଉଦଦେଷ୍ଟା ମଣ୍ଡଳୀର ସଦସ୍ୟ ଶିକ୍ଷାବିତ ଭକ୍ତ ପ୍ରସାଦ ନନ୍ଦ, ସାଧକଶ୍ରୀ ସଦାନନ୍ଦ ପଣ୍ଡା ଓ ଅନ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ନିଜ ନିଜର ମତ ଦେଇଥିଲେ। ଖାଦ୍ୟ ଓ ରହଣୀ କମିଟୀ, ପରିବହନ ଓ ଆତିଥ୍ୟ କମିଟୀ, ସମ୍ବର୍ଦ୍ଧନା କମିଟୀର ସ୍ୱତନ୍ତ୍ର ବୈଠକରେ ସ୍ୱ ସ୍ୱ ବିଭାଗର ଅଗ୍ରଗତି ବାବଦରେ ଆଲୋଚନା କରାଯାଇ କେତେକ ନିର୍ଦ୍ଦିଷ୍ଟ ନିଷ୍ପତି ନିଆଯାଇଥିଲା। ସ୍ୱଚ୍ଛତା କମିଟୀର ଆବାହକ ସୌରୀନାରାୟଣ ପାଣିଗ୍ରାହୀ ବିର୍ସା ମଇଦାନ, ପିଏଚ୍‌ଡ଼ି ପଡ଼ିଆକୁ ପ୍ରଥମେ ସଫା ସୁତୁରା କରିବାକୁ ପ୍ରସ୍ତାବ ଦେଇଛନ୍ତି। ଶୋଭାଯାତ୍ରା କମିଟୀର ଆବାହକ କାହ୍ନୁ ଜେନା ଉତ୍ସବ ପୂର୍ବରୁ ଶୋଭାଯାତ୍ରା କରିବାକୁ ପ୍ରସ୍ତାବ ଦେଇଛନ୍ତି। ଉପସ୍ଥାପନା କମିଟୀର ଆବାହକ ଭବତୋଷ ବିଶି ସମସ୍ତ ଉଦ୍‌ଘୋଷକ, ଉଦ୍‌ଘୋଷିକାଙ୍କୁ ଉଭୟ ସମ୍ବଲପୁରୀ ଓ ଇଂରାଜୀ ଭାଷାରେ ପ୍ରଭାବୀ ଢ଼ଙ୍ଗରେ ଉପସ୍ଥାପନା କରିବାକୁ ଏକ ଅଭିନିବେଶ(ଓରିଏଂଟେସନ୍) ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିଛନ୍ତି। ଏଥିରେ ନାଟ୍ୟକାର ରାମାଶିଷ ତ୍ରିପାଠୀ, ନାଟ୍ୟକାର ବିରୂପାକ୍ଷ ପ୍ରଧାନ ପ୍ରମୂଖ ଦିଗଦର୍ଶନ ଦେଇଥିଲେ। ଚିତ୍ରାଙ୍କନ, ଫଟୋଗ୍ରାଫୀ(ଚିତ୍ର ଉତୋଳନ) ଓ ଚିତ୍ର, କଳାକୃତି ପ୍ରଦର୍ଶନ କମିଟୀର ଆବାହକ ଚିତ୍ର ଗୁରୁ ସନ୍ତୋଷ ପଟ୍ଟନାୟକ, ଚିତ୍ର ଗୁରୁ ଦେବାଶିଷ ପ୍ରଧାନ, ଗୁରୁ ଲୋକନାଥ ପୂଝାରୀ, ମାଷ୍ଟର ଫଟୋଗ୍ରାଫର ଶିଶିର କର, ପ୍ରମୂଖ କଳା ଓ ଐତିହ୍ୟ ସଂପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିଥିଲେ। ଆଗାମୀ ୯ ନଭେମ୍ବର, ରବିବାର ଦିନ ସକାଳ ୯ ଟାରୁ ସ୍କୁଲ୍, କଲେଜ ସ୍ତରୀୟ ପୁଅଝିଅଙ୍କ ଚିତ୍ରାଙ୍କନ ପ୍ରତିଯୋଗୀତା ଜି. ଏମ୍. ବିଶ୍ୱବିଦ୍ୟାଳୟ ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ସମସ୍ତ ସ୍କୁଲ, କଲେଜ ଓ ଚିତ୍ର ଅନୁଷ୍ଠନର ଛାତ୍ରଛାତ୍ରୀଙ୍କୁ ଅଂଶଗ୍ରହଣ କରାଯାଇଛି। ଏଥିପାଇଁ କୌଣସି ଶୁଳ୍କ ଦେୟ ନାହିଁ। ଚିତ୍ରକଳା, ଅନ୍ୟାନ୍ୟ କଳାକୃତିର ପ୍ରଦର୍ଶନୀ ପାଇଁ ଶିଳ୍ପୀମାନେ ନିଜ ନିଜର କଳାକୃତିକୁ ନଭେମ୍ବର ୧୨ ତାରିଖ ସୁଦ୍ଧା ମହୋତ୍ସବର ଆୟୋଜକ, 'ଆର୍ଟ, କ୍ରାଫ୍ଟ ଓ ଫଟୋଗ୍ରାଫୀ କମିଟୀ'ର କର୍ମକର୍ତାଙ୍କ ଜରିଆରେ କିମ୍ବା ନିଜେ ଆସି ସମ୍ବଲପୁର ମହୋତ୍ସବର ଅଫିସ,ଏଲଆଇସି ଡିଭିଜନ ଅଫିସ ପାଖ, ଆଇଓବି ଓ ଏସବିଆଇ ଏଟିଏମ୍ ଉପର ମହଲା ଠାରେ ଜମା ଦେବାକୁ ଅନୁରୋଧ କରାଯାଇଛି। ଏହି ଅବସରରେ ମହୋତ୍ସବର ଷ୍ଟିକର୍ ଲୋକାର୍ପିତ ହୋଇଥିଲା।

# ପାରାଦ୍ୱୀପରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ହେଲା ନୂତନ ହୋଟେଲ ମେଫେୟାର ବେ ରିସର୍ଟ



ପାରାଦ୍ୱୀପ,୮/୧୧ (ନି.ପ୍ର): ବନ୍ଦର ନଗରି ପାରାଦ୍ୱୀପ ସହର ଦିନକୁ ଦିନ ତାର କାୟା ବିସ୍ତାର କରିଚାଲିଛି। ଏଠାରେ ପାରାଦ୍ୱୀପ ବନ୍ଦର ସମେତ ବହୁ ଛୋଟ ବଡ କଳ କାରଖାନା ଗଢି ଉଠଛି । ଏହାକୁ ଆଖି ଆଗରେ ରଖି ମେଫେୟାର ଗ୍ରୁପ ପକ୍ଷରୁ ମେରାଇନ ରୋଡ ଠାରେ ଏକ ଫାଇଭ ଷ୍ଟାର ହୋଟେଲ ନିର୍ମାଣ ହୋଇଥିଲା । ପବିତ୍ର କାର୍ତିକ ପୂର୍ଣ୍ଣିମା ଅବସରରେ ମେଫେୟାର ହୋଟେଲସ ଆଣ୍ଡ ରିସର୍ଟସ ର ନୂଆ 'ମେଫେୟାର ବେ ରିସର୍ଟ ' କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିଛନ୍ତି।ଏହି ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ଡଃ ବିଭୁ ପ୍ରସାଦ ତରାଇ, ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲ, ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ପି. ଏଲ୍.ହରନାଧ ଓ ବରିଷ୍ଠ ନେତା ବିଜୟ ମହାପାତ୍ର,କମ୍ପାନୀ ର ଅଧ୍ୟକ୍ଷ ଦିଲ୍ଲୀପ ରାୟ, ସଭାପତି ତଥା ନିର୍ଦ୍ଦେଶକ ମନୋଜ ଗୌଡ଼ ଓ ଅନ୍ୟ ନିମନ୍ତ୍ରିତ ଅତିଥି ମାନେ ଉପସ୍ଥିତ ଥିଲେ।ଏହି ରିସୋର୍ଟ ରେ ୧୪୦ ଟି କୋଠରୀ, ସୁଇଟ ଓ ପ୍ରାଇଭେଟ ଭିଲ୍ଲା ରହିଛି।ଭୋଜନ ପ୍ରେମୀଙ୍କ ପାଇଁ ନୂଆ ରିସୋର୍ଟ ରେ ରହିଛି ବିଭିନ୍ନ ସ୍ୱାଦଯୁକ୍ତ ଭୋଜନର ସୁବିଧା।ଏଥିରେ ରହିଛି ୩୫୦ ଅତିଥୀଙ୍କ ପାଇଁ ବ୍ୟବସ୍ଥା ଥିବା ୪୦୬ ବର୍ଗ ମିଟରର ଅର୍କିଡ ହଲ , ୧୦୪ ବର୍ଗ ମିଟରର ଲୋଟସ ହଲ, ୭୨ ବର୍ଗ ମିଟରର କାମେଲିଆ ହଲ ଏବଂ ବିବାହ ଭୋଜି ପାଇଁ ଫୁଲ ପାଶ୍ୱରେ ୧ ହଜାର ବର୍ଗ ମିଟରର ସ୍ଥାନ ରହିଛି। ସାରା ଦେଶରେ ୮ଟି ରାଜ୍ୟରେ ମେଫେୟାର ହୋଟେଲସ ଆଣ୍ଡ ରିସୋର୍ଟ ର ୧୯ ଟି ହୋଟେଲ ରହିଛି।ଓଡିଶା, ସିକିମ ଓ ଦାର୍ଜିଲିଂ ଭଳି ସ୍ଥାନରେ ଏହି ହୋଟେଲଗୁଡ଼ିକର ରସୋର୍ଟ ଗୁଡିକ ରହିଛି।

# ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଭାରତର ଜାତୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ପାଳନ



ରାଉରକେଲା,୮/୧୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅବଶିଷ୍ଟ ଦେଶବାସୀଙ୍କ ସହ ନଭେମ୍ବର ୭ ତାରିଖରେ ଭାରତର ଜାତୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ପାଳନରେ ସାମିଲ ହୋଇଛି। ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଏହି ଅବସରରେ ମନ୍ଥନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଡିଆଇସି ସଚିବାଳୟର ବରିଷ୍ଠ ଅଧିକାରୀ, କାର୍ଯ୍ୟନିର୍ବାହୀ ଏବଂ କର୍ମଚାରୀ ଏବଂ ଜନସମ୍ପର୍କ, ଆଭ୍ୟନ୍ତରୀଣ ଅଡିଟ୍, ସତର୍କତା ଏବଂ ଅନ୍ୟାନ୍ୟ ବିଭାଗର ବିଭାଗମୁଖ୍ୟ ମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜାତୀୟ ଗୀତର ପରିବେଷଣ ପରିବେଶକୁ ଜାତୀୟତା ଭାବର ଗର୍ବ ଏବଂ ଏକତାର ଗଭୀର ଭାବନାରେ ପରିପୂର୍ଣ୍ଣ କରିଥିଲା।

କାରଖାନାର ବିଭିନ୍ନ ବରିଷ୍ଠ ଅଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଅନୁରୂପ କାର୍ଯ୍ୟାକ୍ରମ ଆୟୋଜିତ ହୋଇଥିଲା। ଇଡି (ଏଚ୍‌ଆର) ସଚିବାଳୟ ସମ୍ମିଳନୀ କକ୍ଷ 'ସମାଧାନ'ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର ନେତୃତ୍ୱ ନେଇଥିଲେ। ସେହିପରି, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ. ପାଲ ଚୌଧୁରୀ ଇଡି (ପ୍ରୋଜେକ୍ଟ) କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଇଡି (ୱାର୍କ୍ସ) କାର୍ଯ୍ୟାଳୟର 'ସମାଗମ' ସମ୍ମିଳନୀ କକ୍ଷରେ, ସେବା ବିଭାଗର ସିଜିଏମ ଇନ-ଚାର୍ଜ ଶ୍ରୀ ଅତୀଶ ଚନ୍ଦ୍ର ସରକାରଙ୍କ ନେତୃତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ଲିଖିତ ଏହି ଜାତୀୟ ଗୀତର ୧୫୦ତମ ବର୍ଷ ପାଳନ ପାଇଁ ଭାରତ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଅନୁଷ୍ଠିତ ଏହି କାର୍ଯ୍ୟାକ୍ରମରେ ବିଭିନ୍ନ ବିଭାଗର କର୍ମଚାରୀଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। 'ବନ୍ଦେ ମାତରମ୍'ର ସାମୂହିକ ପାଳନ ଜାତୀୟତାବାଦ ଏବଂ ଏକତାର ଭାବନାକୁ ପ୍ରତିଫଳିତ କରିଥିଲା, ଯାହା ରାଷ୍ଟ୍ରର ଆଦର୍ଶ ଏବଂ ସେଲ୍‌ର ନୀତିନିୟମ ପ୍ରତି କର୍ମଚାରୀଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲା।

# ଖଇରା ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫
## କୃଷି ସମ୍ବନ୍ଧୀୟ ପରାମର୍ଶ ଗ୍ରହଣ କଲେ ୭୪୦ଚାଷୀ




ଖଇରା,୮/୧୧ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର କୋଚିଆକୋଇଲି ପଡିଆରେ ଶୁକ୍ରବାର ଦିନ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା-୨୦୨୫ଅନୁଷ୍ଠିତ ହୋଇ ଯାଇଛି । ଖଇରା ବ୍ଲକ ବିଡିଓ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ଏମପି ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି,ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ତହସିଲଦାର ଅମିତ ରଞ୍ଜନ ହୋତା,ଜିଲା ମୁଖ୍ୟ ପ୍ରାଣି ଚିକିତ୍ସାଧିକାରୀ ଡା ରବିନାରାୟଣ ପଟ୍ଟନାୟକ,ଏଡିଭିଓ ଡା ଅଜିତ କୁମାର ସାମଲ ଓ ନିଶିକାନ୍ତ ବଳ,ଜିଲା ମୁଖ୍ୟ ମତ୍ସ୍ୟଅଧିକାରୀ ରେଶମାରାଣି ସିଂ ପ୍ରମୁଖ ଯୋଗ ଦେଇ ମତ୍ସ୍ୟ ଓ ପ୍ରାଣି ସମ୍ପଦ ପାଳନ ମାଧ୍ୟମରେ ସ୍ୱାବଲମ୍ବୀ ହେବା ପାଇଁ ସରକାର ଅନେକ ଯୋଜନା କରିଛନ୍ତି । ଏଣୁ ଆଗ୍ରହୀ ଚାଷୀ ଏଥିରୁ ଲାଭବାନ ହେବାକୁ ପରାମର୍ଶ ଦେଇଥିଲେ। ବ୍ଲକ ପ୍ରାଣି ଚିକିତ୍ସାଧିକାରୀ ଡା ରୀତାଞ୍ଜଳୀ ନାୟକ ସ୍ୱାଗତ ଅଭିଭାଷଣ, ମତ୍ସ୍ୟଅଧିକାରୀ ସିଦ୍ଧାର୍ଥ ଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଡା ଲଲାଟେନ୍ଦୁ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୈଷୟୀକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପାଲା ପରିବେଷଣ କରାଯାଇଥିଲା । ମୋଟ ୭୪୦ ମତ୍ସ୍ୟ ଚାଷୀ ଓ ପ୍ରାଣୀ ପାଳକ ଉପସ୍ଥିତ ଥିଲେ । ଚାଷୀ ମାନଙ୍କର ବୈଷିକ ଜ୍ଞାନ ଆହରଣ ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇଥିଲା । ଡା ବିଭୁ ପ୍ରସାଦ ନାୟକଙ୍କ ସମେତ ପ୍ରାଣୀ ଚିକିତ୍ସାଳୟର ସମସ୍ତ କର୍ମଚାରୀ ମେଳା ପରିଚାଳନାରେ ସହଯୋଗ କରିଥିଲେ ।

# ଭାରତ ସ୍କାଉଟସ ଏବଂଗାଇଡ୍ସ ତୃତୀୟ ପ୍ରତିଷ୍ଠା ଦିବସ ପାଳିତ




ବସ୍ତା,୮/୧୧ (ନି.ପ୍ର): ବସ୍ତା ଅଗ୍ରଣୀ ଅନୁଷ୍ଠାନ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରସରରେ ଭାରତସ୍କାଉଟସ ଏବଂ ଗାଇଡସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହିକାର୍ଯ୍ୟକ୍ରମରେ ଏକ ସଭାଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାକୁ ଶିକ୍ଷ୍ୟା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ର ସଭାପତିତ୍ୱ କରିଥିବି ବେଳେ ମୁଖ୍ୟ ଅତିଥି ଭାବେ ସ୍କାଉଟସ ଲିଡର ଟ୍ରେନର ତଥା ବାଲେଶ୍ୱର ଜିଲ୍ଲାଟ୍ରେନିଂ କମିଶନର ସୁଦର୍ଶନ ପ୍ରଧାନ ଯୋଗ ଦେଇ ସ୍କାଉଟସର ଉପକାରିତା କଣପାଇଁ ସ୍କାଉଟସ ନେବା ଏ ବିଷୟରେ ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇଥିଲେ। ସମ୍ମାନୀତ ଅତିଥି ଭାବେ ଶିକ୍ଷା କେନ୍ଦ୍ରର ପରିଚାଳନା କମିଟିର ସଭାପତି ଶଂଙ୍କର କୁମାର କର ଉପସଭାପତି ଗଗନ ବିହାରୀ ଜେନା କବି ଶିଶିର କୁମାର ରଥ କୋଷାଧ୍ୟକ୍ଷ ପ୍ରଦୀପ କୁମାର ପରିଡା ସୁଶାନ୍ତ ପ୍ରଧାନ ହିତାଂଶୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସ୍କାଉଟ ମାଷ୍ଟର ସୋରୋଜ ପାତ୍ର ଗାଇଡ କ୍ୟାପଟେନ ପୁଷ୍ପଲତା ପଟ୍ଟନାୟକ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପ ପ୍ରଧାନ ଆଚାଯ୍ୟା ରଂଜିତା ପାଢୀ ଅଞ୍ଜନ କୁମାର ସାହୁ ପ୍ରଶାନ୍ତ ଗିରି ନମିତା ଦାସ ଉପସ୍ଥିତ ଥିଲେ।

# ପେନସନ୍ ଭୋଗୀଙ୍କର ଜୀବନ ପ୍ରମାଣପତ୍ର ଗ୍ରହଣ

କେନ୍ଦ୍ରାପଡା,୮/୧୧ (ନି.ପ୍ର): ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଠାରୁ ବାର୍ଷିକ ଜୀବନ ପ୍ରମାଣପତ୍ର ଗ୍ରହଣ ଉଭୟ ଜିଲ୍ଲା କୋଷାଗାର କାର୍ଯ୍ୟାଳୟ (ଟ୍ରେଜେରୀ ଅଫିସ)ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାରେ ଚଳିତ ମାସ ପହିଲାରୁ ଆରମ୍ଭ ହୋଇଅଛି । ଜିଲ୍ଲା କୋଷାଗାର ଅଧିକାରୀ ପ୍ରମୋଦ କୁମାର ରାଉତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସାଧାରଣ ସଂପାଦକ ହେମନ୍ତ କୁମାର ଜେନା ଏବଂ ସଂଗଠନ ସମ୍ପାଦକ ବୈଷ୍ଣବ ଚରଣ ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ ଚାଲିବ । ପେନସନଧାରୀ ମାନେ ସାଥୀରେ ପେନସନବହି, ବ୍ୟାଙ୍କପାସବହି ଏବଂ ଆଧାର କାର୍ଡ ଆଣିବାକୁ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଶ୍ରୀ ଜେନା ଅନୁରୋଧ କରିଛନ୍ତି । ଏଥିସହ ଯେଉଁ ପେନସନଭୋଗୀମାନେ ବ୍ୟାଙ୍କ ବା ଟ୍ରେଜେରୀକୁ ଆସିବା ପାଇଁ ଅସମର୍ଥ ସେମାନେ ସମ୍ପୃକ୍ତ କର୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଲେ ସେମାନଙ୍କ ଘରୁ ଜୀବନ ପ୍ରମାଣପତ୍ର ଆଣିବାର ବ୍ୟବସ୍ଥା କରିବେ ।

# ନିଖିଳ ଓଡିଶା ମଧ୍ୟାହ୍ନଭୋଜନ ପାଚିକା ସହାୟିକା ସଂଘର ବୈଠକ

କେନ୍ଦ୍ରାପଡା,୮/୧୧ (ନି.ପ୍ର): ନିଖିଳ ଓଡିଶା ମଧ୍ୟାହ୍ନଭୋଜନ ପାଚିକା ସହାୟକା ସଂଘ (ଏ.ଆଇ.ଟି.ୟୁ.ସି) କେନ୍ଦ୍ରାପଡା ଶାଖାର ଏକ ବୈଠକ ସ୍ଥାନୀୟ ଗୋପଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାନେତ୍ରୀ ସୁହାନା ବେଗମ୍ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବରିଷ୍ଠ ଆଇନଜିବୀ ରମଣୀ ରଞ୍ଜନ ରାଉତରାୟଙ୍କ ସମେତ ଗଜେନ୍ଦ୍ର ନାୟକ, ପ୍ରତିମା ପାତ୍ର, ସୌଭାଗିନୀ ପତି ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ସ୍କୁଲରେ କାର୍ଯ୍ୟରତ ଥିବା ମଧ୍ୟାହ୍ନଭୋଜନ ପାଚିକାସଂଘର କର୍ମକର୍ତାମାନଙ୍କୁ ହଇରାଣ ହରକତ କରୁଥିବା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

# ସଡ଼କ ଦୁର୍ଘଟଣାରେ ଯୁବ ସାମ୍ବାଦିକଙ୍କ ଦେହାନ୍ତ

ଭବାନୀପାଟଣା,୮/୧୧ (ନି.ପ୍ର): ଆଉ ନାହାନ୍ତି ଯୁବ ସାମ୍ବାଦିକ ସତ୍ୟ ନାରାୟଣ ଦାସ। ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ଦେହାନ୍ତ ହୋଇଯାଇଛି। ଗତକାଲି କୌଣସି ଏକ ଜରୁରୀ କାମରେ ସେ ତାଙ୍କର ଜଣେ ବନ୍ଧୁଙ୍କ ସହ ଭୁବନେଶ୍ୱରରୁ ବାହାରି ଭଦ୍ରକ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଯାଜପୁର ଜିଲ୍ଲା ବଇରୀ ଥାନା ନିକଟ ରାସ୍ତା କଡରେ ନିଜର ଏକ ବାଇଗଣୀ ରଙ୍ଗର ସ୍କୁଟି ରଖି ଛିଡା ହୋଇଥିବା ସମୟରେ କଟକରୁ ଚଣ୍ଡିଖୋଲ ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ପିକଅପ ଭ୍ୟାନ ତାଙ୍କୁ ପଛ ପଟରୁ ଧକ୍କା ଦେବା ଫଳରେ ସେ ୧୦ ଫୁଟ ଦୂରକୁ ଛିଟିକି ପଡି ଅଚେତ୍ ହୋଇ ପଡ଼ିଥିଲେ ଏବଂ ତୁରନ୍ତ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଧକ୍କା ଦେଇ ଦ୍ରୁତ ଗତିରେ ପଳାଇବା ପାଇଁ ଚେଷ୍ଟା କରୁଥିବା ପିକଅପ ଭ୍ୟାନକୁ ସେଠିକାର ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ଲୋକେ ପିଛା କରି ଗାଡିକୁ ଅଟକାଇବା ସହ ଡ୍ରାଇଭରକୁ କାବୁ କରି ପୋଲିସ ର ଜିମା ଦେଇଥିଲେ। ଆଜି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବକୁ ପଂଚନାମା କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ। ବଇରୀ ଥାନା କେସ ନମ୍ବର ୨୬୯/୨୫, ରେ ଏକ ଦୁର୍ଘଟଣାଜନିତ ମୃତ୍ୟୁ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଡ୍ରାଇଭରକୁ କୋର୍ଟ ଫରୱାଡ କରିଛି। କିଏ ଜାଣିଥିଲା କାଲିର ଏହି ଯାତ୍ରା ତାଙ୍କ ଜୀବନର ଶେଷ ଯାତ୍ରା ବୋଲି, ସତେ ଯେପରି ଅଧା ବାଟରେ ଯମ ଜଗିବସିଥିଲା ତାଙ୍କୁ ନେବା ପାଇଁ, ମୃତ୍ୟୁ ପୁଣି ଏପରି ଆସେ, ତାଙ୍କ ଅକାଳ ବିୟୋଗ ଖବର ଚାରିଆଡେ ପ୍ରଚାରିତ ହେବା କ୍ଷଣୀ ସମଗ୍ର କଳାହାଣ୍ଡିରେ ଶୋକର ଛାୟା ଖେଳି ଯାଇଛି।

# ହିଞ୍ଜିଳିରେ ବିଜେଡିର ବିଶାଳ ଜନସମ୍ପର୍କ ପଦଯାତ୍ରା

ହିଞ୍ଜିଳି ,୮/୧୧ (ନି.ପ୍ର): ଆଜି ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶେରଗଡ଼ ବ୍ଲକର ଗୋଠଗାଁ ପଞ୍ଚାୟତରୁ ଠୁରୁବୁରି ପଞ୍ଚାୟତ ପର୍ଯ୍ୟନ୍ତ ପ୍ରାୟ ୩ କିମି ଧରି ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଠୁରୁବୁରି ଠାରେ ଅନୁଷ୍ଠିତ ସଭାରେ ରାଜ୍ୟ ବିଜେପି ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ବିଫଳତା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବା ସହ ବିଜୁ ଜନତା ଦଳ ସରକାରରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମାନ୍ୟବର ବିରୋଧୀ ଦଳ ନେତା ତଥା ସ୍ଥାନୀୟ ବିଧାୟକ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶେରଗଡ଼ ଓ ହିଞ୍ଜିଳି ବ୍ଲକରେ ପ୍ରତ୍ୟେକ କ୍ଷେତ୍ରରେ ହୋଇଥିବା ଜନକଲ୍ୟାଣକାରୀ କାର୍ଯ୍ୟ ଲାଗି ବିଜେଡି ନେତୃମଣ୍ଡଳୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ଦୀର୍ଘ ୨୪ ବର୍ଷ ଧରି ହିଞ୍ଜିଳି ଓ ଶେରଗଡ଼ ବ୍ଲକରେ ବିଜେଡି ସରକାରର ବିକାଶର ସଫଳତା ଓ ରାଜ୍ୟ ବିଜେପି ସରକାର ଦେଇଥିବା ମିଥ୍ୟା ପ୍ରତିଶ୍ରୁତି ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇ ଆଗାମୀ ଦିନରେ ବିଜେପିକୁ ଜବାବ ଦେବାକୁ ଉପସ୍ଥିତ ବିଜେଡି କର୍ମୀ ଶପଥ ନେଇଥିଲେ ।

OFFICE OF THE PANCHAYAT SAMITI, BAHALDA
At/P.O.- Bahalda, Dist.- Mayurbhanj, Odisha,
E-Mail: ori-bahalda@nic.in

Notice No: 2814 Date: 01/11/2025

Sealed Tenders are invited from interested "C & D " Class Contractors registered with the Govt. for execution of Civil work under Panchayat Samiti, Bahalda, Mayurbhanj. The eligible criteria and the details of the tender documents which can be downloaded from the website https://mayurbhanj.odisha.gov.in Interested bidders fulfilling the eligibility criteria may submit their proposals to the O/o: BDO Bahalda Through Courier/ Speed Post/ Registry Post only. Other mode of communication will not be entertained.

1. Sale of Tender Papers: 06.11.2025 to 20.11.2025 up to 4.00 PM.
2. Last Date of receipt of tender paper: - 20.11.2025 up to 4.00 PM.
3. Date of opening of tender papers at Conference Hall, Bahalda Block, Bahalda, Mayurbhanj:- 21.11.2025 at 11.00 AM.
4. Mode of receipt: Through Courier/speed post/Registry post only to O/o: BDO Bahalda At/P.O.- Bahalda, Dist.- Mayurbhanj.
5. The delivery personal must be a courier company authorised person with valid identity, postman or any authorised personal of postal dept. in case of registry post/ speed post
6. Envelope should be super-scribed with the name of the works for which tender paper is being submitted or otherwise it will be rejected.
7. The tender paper received after due date & time will be liable for rejection.

Authority reserves the right to reject all or any of the tender without assigning any reasons thereof. Again, the authority will not be held responsible for any postal delay.

Sd/-
Block Development Officer, Bahalda
Mayurbhanj

Block Development Officer, Bahalda
Block Development Officer
BAHALDA

# ସଚ୍ଚା ଲେଖକ ପୁରସ୍କାରର ଦ୍ୟୁତକ୍ରୀଡ଼ା ଭିତରେ ନ ଥାଏ : ଯୋଗେନ୍ଦ୍ର କୁମାର ନାୟକ

**ଯୋଗେନ୍ଦ୍ର କୁମାର ନାୟକ** ଓଡ଼ିଆ କବିତା ଜଗତର ଜଣେ ଶ୍ରଦ୍ଧାଶୀଳ ବ୍ୟକ୍ତିତ୍ୱ । କେବଳ କବିତା ନୁହେଁ, କଣ୍ଠଶିଳ୍ପୀ ଭାବରେ ସେ ଗୁଣୁଗୁଣୁ ହୋଇ ଲେଖିଛନ୍ତି ଅନେକ ଗୀତ ଓ ଗୀତିକବିତା । ଦୀର୍ଘଦିନ ଧରି ଲେଖିଲେ ମଧ୍ୟ ତାଙ୍କର ପ୍ରଥମ କବିତା ପୁସ୍ତକ 'ପକ୍ଷୀ ଉଡ଼ି ଯାଏ ଦୂରେ' ଏବେ ବି ପ୍ରକାଶନ ଅପେକ୍ଷାରେ । ଅନୁଭବର ପ୍ରତିଶ୍ରୁତିରେ ତାଙ୍କ ସୃଜନ ବେଶ୍ ଆବେଗ ଛଳଛଳ। କବିତା ଗଢଣରେ ତାଙ୍କର ଅନ୍ତରଙ୍ଗତା ତାଙ୍କୁ ଦେଇଥାଏ ନିଆରା ପରିଚୟ । "କର୍ମମୁଖର ମଣିଷ ଭାବପ୍ରବଣ ହେବା ଦରକାର" ବୋଲି କହୁଥିବା କବିଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?

■■ ଜୀବନ ଜିଇଁବା ଯେତେ ଜଟିଳ ହେଲେବି, ଯେତେ ଯନ୍ତ୍ରଣା ଜର୍ଜରିତ ହେଲେବି, ସୁଖ ଦୁଃଖ ଭରା କାରୁଣ୍ୟ ଭିତରେ ଥିଲେବି ମଣିଷ ଭିତରେ ଭାବ ଆଉ ଭାବାନ୍ତରର ଉଦ୍‌ବେଳନ ଘଟିଥାଏ । ସେଇ ଭାବ ପ୍ରବଣ ଜୀବନ ଶୈଳୀ ଭିତରେ ଜୀବନ ଗୀତିମୟ ହୋଇଉଠେ । ଭିତରେ ଭିତରେ କାବ୍ୟିକ ଶବ୍ଦମାନେ ଲହରାନ୍ତି , ଗୁଣୁ ଗୁଣାନ୍ତି । କବିତା ଆଉ କ'ଣ କି ! ଗୋଟେ ଗୀତିମୟ ଜୀବନର ପରିପ୍ରକାଶ ମାତ୍ର । ଛାତ୍ର ଜୀବନରୁ ମୁଁ ସଂଗୀତ ସହ ଉତଃପ୍ରୋତ ଭାବେ ଜଡ଼ିତ । ଆକାଶବାଣୀଠୁ ଆରମ୍ଭ କରି ଅନେକ ସଂଗୀତ କାର୍ଯ୍ୟକ୍ରମ ର ଭାଗ ନେଇ ପ୍ରଶଂସିତ ହୋଇଛି । ଭଜନ ସିଡ଼ି 'ଜଗନ୍ନାଥ ମୋ ପରାଣ ମିତ' ରେ ଦୁଇଟି ଗୀତ ପାଇଁ କଣ୍ଠସ୍ୱର ଦେଇଛି । ମୋ ନୀରବତା ଭିତରେ କାବ୍ୟିକ ଶବ୍ଦ ମାନେ ଗୁଣୁ ଗୁଣାନ୍ତି । ଇଂରାଜୀ ସାହିତ୍ୟର ଛାତ୍ର ହିସାବରେ କବିତା ଶୈଳୀ ଓ ଶବ୍ଦଚର୍ଯ୍ୟାର ଫାଇଦା ନେଇଛି । ପିଲାଦିନେ ଜେଜେମା ଠାରୁ ଶୁଣିଥିବା ଅନେକ ବିରଳ ଶବ୍ଦ ମନେ ପକାଇ କବିତାରେ ବ୍ୟବହାର କରିଛି । ମୁଁ ଗୁଣୁଗୁଣଉଥିବା ଶବ୍ଦମାନେ ଡେରିରେ ହେଉ ପଛେ କବିତାରେ ସ୍ଫୁରିତ ହୋଇଛନ୍ତି ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ କବି ତଥା ବନ୍ଧୁ କମଳ କୁମାର ମହାନ୍ତି ମୋ ସାରସ୍ୱତ ପ୍ରେରଣାର ଉତ୍ସ। ଗୁରୁ ତଥା କବି, ଗାଳ୍ପିକ ନାଟ୍ୟକାର, ସାହିତ୍ୟିକ ଶ୍ୟାମ ସୁନ୍ଦର ପୁହାଣଙ୍କୁ ମୁଁ ମୋ ସାହିତ୍ୟର ଆଦ୍ୟଗୁରୁ ଭାବେ ସ୍ମରଣ କରିବି ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କାହିଁକି ?

■■ କବି ଭାବରେ ମୋର ପ୍ରଥମ ପ୍ରକାଶିତ କବିତା ଥିଲା 'ମଶାଣି' ଯାହା ପତ୍ରିକା 'ସୃଜନର ପାହାଚ'ରେ ପ୍ରକାଶିତ ହୋଇଥିଲା । ମୁଁ ଖୁବ୍ ଖୁସି ଥିଲି । କିନ୍ତୁ ବଡ଼ ବଡ଼ କବିତା ଆସରରେ କବତା ପଢ଼ିବା ପାଇଁ ମୋ ନାଆଁ ପଛକୁ ପଛକୁ ଚାଲି ଯାଉଥିଲା । ସେଥିପାଇଁ ବ୍ୟସ୍ତ ହେଉ ନ ଥିଲି । ୟା ଭିତରେ ୨୫ ବର୍ଷ ବିତି ଯାଇଛି । କଥା ସବୁ ଓଲଟି ଯାଇଛି । ହଜାରେରୁ ଅଧିକ କବତା ଲେଖିଛି । ଅନେକ ଗୀତ ଓ ଗୀତି କବିତା ଲେଖିଛି । ମୋର ପ୍ରଥମ କବିତା ପୁସ୍ତକ 'ପକ୍ଷୀ ଉଡ଼ି ଯାଏ ଦୂରେ' ପ୍ରକାଶନ ଅପେକ୍ଷାରେ ଯାହା ମୋର ଅତି ପ୍ରିୟ । ସବୁ ଏକ ପ୍ରକାରର କବିତା ମାନଙ୍କୁ ଏକତ୍ରିତ କରି ବହି ସବୁ ପ୍ରକାଶ କରିବି ବୋଲି ଏ ଯାଏ ଅପେକ୍ଷା କରିଛି ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ମୁଁ ଖୁବ୍ ଆଶାବାଦୀ । ଏବେ ଦିନକୁ ଦିନ ଓଡ଼ିଆ ସାହିତ୍ୟ ମେଘ ଘନେଇଲା ପରି ଘନେଇ ଆସୁଛି ଯେମିତି ଓଡ଼ିଶା ମାଟିରେ ବର୍ଷିଯିବ ତୁହାକୁ ତୁହା । ସାଧାରଣ ଲୋକଙ୍କ ଠାରେ ସାହିତ୍ୟର ବାର୍ତ୍ତା ପହଂଚାଇବା ପାଇଁ ଗାଆଁ ଗାଆଁରେ ସାହିତ୍ୟସଭା ହେବା ଆବଶ୍ୟକ । କର୍ମ ମୁଖର ମଣିଷ ଭାବପ୍ରବଣ ହେବା ଦରକାର।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା ତା ନିଜ ରାସ୍ତାରେ ଅଟଳ । ସଂକଟ ଏକ ପାଣିମାଡ଼ ସମ। ସାହିତ୍ୟ ଆଧାରରେ ମାତୃଭାଷା ତା ସ୍ୱାଭିମାନ ବଜାୟ ରଖିବ ।

■ ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ସରଳ ଶବ୍ଦଙ୍କୁ ନେଇ ସଂରଚିତ ଭାବପୂର୍ଣ୍ଣ ତଥା ବୋଧଗମ୍ୟ କବିତା ଯାହା କାବ୍ୟିକ ଧର୍ମ ଭିତରେ ରହି କିଛି ମାନବୀୟ ବାର୍ତ୍ତା ପ୍ରଦାନ କରୁଥିବ ତାହା ମୋ ମତରେ ଭଲ କବିତା । ସାହିତ୍ୟ ମାଧ୍ୟମରେ ମାନସିକତାର ପରିବର୍ତ୍ତନ ସମ୍ଭବ କାରଣ ସାହିତ୍ୟ ସଂଗତ ସାଧୁ ସଂଗତ ପ୍ରାୟ ।

■ ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଓଡ଼ିଆ ଭାଷା ସାହିତ୍ୟ ଯୋଉ ମାତ୍ରାରେ ଆଗେଇ ଚାଲିଛି ସେଥିରେ ମୁଁ ଖୁବ୍ ଆଶାବାଦୀ । କିନ୍ତୁ ସାହିତ୍ୟର ଧର୍ମ ନ ଜାଣି କିମ୍ବା ଜାଣିବାକୁ ଚେଷ୍ଟା ନ କରି ଅସାହିତ୍ୟ ଆଡ଼କୁ ପାଦ ଦେଉଥିବା ବ୍ୟକ୍ତିମାନେ ସାହିତ୍ୟ ଜଗତକୁ କଳୁଷିତ କରୁଛନ୍ତି । ସେମାନଙ୍କୁ ଆଲୋକିତ କରାଯାଉ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୁରସ୍କାର ପ୍ରତି ଲେଖକ ଗୁରୁତ୍ୱ ଦେବା ଅନାବଶ୍ୟକ । ସଚ୍ଚା ଲେଖକ ପୁରସ୍କାରର ଦ୍ୟୁତକ୍ରୀଡ଼ା ଭିତରେ ନ ଥାଏ । ସାହିତ୍ୟ ମାଧ୍ୟମରେ ଏହି ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ କି ସମସ୍ତେ ମଣିଷ ପରି ମଣିଷ ହୁଅନ୍ତୁ । ମାନବୀୟ ମୂଲ୍ୟବୋଧ ବଜାୟ ରଖନ୍ତୁ । ସୁନ୍ଦର ଏବଂ ସୁସ୍ଥ ସମାଜ ଗଠନ କରନ୍ତୁ । ❤❤

### ■ ଅଳ୍ପରେ ଯୋଗେନ୍ଦ୍ର କୁମାର ନାୟକ



ନାମ - ଯୋଗେନ୍ଦ୍ର କୁମାର ନାୟକ
ଜନ୍ମ ତାରିଖ-୦୯.୦୮.୧୯୬୧
ଜନ୍ମ ସ୍ଥାନ : ଛବାଟିଆ, ବାହାନଗା, ବାଲେଶ୍ୱର
ବର୍ତ୍ତମାନର ଠିକଣା : ୩୬୯/୫, ବ୍ରହ୍ମେଶ୍ୱର କଲୋନୀ, ଗଡ଼ ଗୋପୀନାଥ ପ୍ରସାଦ, ଭୁବନେଶ୍ୱର-୭୫୧୦୨୫
ମୋ: ୯୪୩୭୩୦୧୫୨୭
ଅଧୁନା ମହିଳା ଶିଶୁ ବିକାଶ ବିଭାଗରେ ସ୍ୱତନ୍ତ୍ର କର୍ତବ୍ୟରତ ଅଧିକାରୀ ଭାବେ କାର୍ଯ୍ୟରତ



କବି ଯୋଗେନ୍ଦ୍ର କୁମାର ନାୟକଙ୍କ କବିତା ପାଠ...








ସୁଖୀ ପରିବାର : ପତ୍ନୀ ଓ ନାତୁଣୀଙ୍କ ସହ କବି ଯୋଗେନ୍ଦ୍ର କୁମାର ନାୟକ...



ସାହିତ୍ୟ ସଭାରେ ସତୀର୍ଥମାନଙ୍କ ସହ କବି ଯୋଗେନ୍ଦ୍ର କୁମାର ନାୟକ...

# ତରୁଣର ସ୍ୱପ୍ନ

## ପ୍ରଦୀପ କୁମାର୍ ରାୟ



ଜଣେ ଅଟୋବାଲାଙ୍କ କାହାଣୀରୁ ଆରମ୍ଭ କରୁଛି .....

କିଛି ମାସ ତଳେ ବନ୍ଦେ ଭାରତ ଏକ୍ସପ୍ରେସରେ ଭୁବନେଶ୍ୱରରୁ ସମ୍ବଲପୁର ଯାଇଥିଲି । ସମ୍ବଲପୁର ସିଟି ଷ୍ଟେସନରେ ଓହ୍ଲାଇ ଗୋଟିଏ ଅଟୋ ରିଜର୍ଭ କଲି ସମଲେଶ୍ୱରୀ ମନ୍ଦିର ଯିବାପାଇଁ । ଅଟୋବାଲା ଜଣକ ଭୀଷଣ ଦୁର୍ବଳ ସ୍ୱାସ୍ଥ୍ୟର ପ୍ରାୟ ୬୦ ବର୍ଷ ବୟସ୍କ ମଣିଷ । ତାଙ୍କୁ ଦେଖିଲେ ମନେ ହେଉଥିଲା ଯେ ସେ ଅସୁସ୍ଥ । କିଛିବାଟ ଗଲାପରେ ଅଟୋ ଚାଳକ ଜଣକ ଧଇଁସଇଁ ହୋଇ ରାସ୍ତାର ଗୋଟିଏ ପାଖକୁ ଅଟୋ ନେଇ ଅଟୋ ବନ୍ଦ କଲେ । ତାଙ୍କ ଦେହରୁ ଗମ୍‌ଗମ୍ ଝାଳ ବୋହି ପଡୁଥାଏ । ମୁଁ ବ୍ୟସ୍ତ ହୋଇ ପଚାରିଲି, 'କଣ ହେଲା !' ସେ ଉତ୍ତର ଦେବାକୁ ମଧ ଅସମର୍ଥ ବୋଲି ମନେହେଲା । ମୁଁ ଅଟୋରୁ ଓହ୍ଲାଇ ପଡ଼ି ତାଙ୍କ ପାଖକୁ ଗଲି । ବ୍ୟାଗ୍‌ରୁ ପାଣି ବୋତଲ କାଢ଼ି ପିଇବାକୁ କହିଲି । ବଡ଼ କଷ୍ଟରେ ବୁନ୍ଦାଏ ପାଣି ଢୋକିଲେ । ତାଙ୍କର ଆଖିରେ ମୁହଁରେ ପାଣି ଛିଟା ମାରି ତାଙ୍କ ବେକରେ ପଡ଼ିଥିବା ଗାମୁଛାରେ ପୋଛିଦେଲି । ତାଙ୍କୁ ଧରାଧରି କରି ପଛ ସିଟକୁ ନେଇଆସି ଟିକେ ବିଶ୍ରାମ ନେବାକୁ କହିଲି ।

କିଛି ସମୟ ବିଶ୍ରାମ ନେବା ପରେ ସେ କହିଲେ - ଆପଣଙ୍କୁ ହଇରାଣ କଲି ବାବୁ । ଆପଣଙ୍କର ଯଦି ଡେରି ହେଉଛି ଆପଣ କୌଣସି ଲାଇନ୍ ଅଟୋକୁ ହାତମାରି ଚାଲି ଯାଆନ୍ତୁ । ମୁଁ ଟିକେ ଭଲ ଲାଗିଲେ ଧୀରେ ଧୀରେ ଘରକୁ ଚାଲିଯିବି ।

ମୁଁ ତାଙ୍କୁ ମୋ ପାଇଁ ବ୍ୟସ୍ତ ନ ହେବା ପାଇଁ କହି ଅପେକ୍ଷା କଲି । କିଛି ସମୟ ପରେ ତାଙ୍କୁ କହିଲି - ଆପଣ ଯଦି ଅଟୋ ଚଳାଇ ପାରିବେ ତାହାହେଲେ ଚାଲନ୍ତୁ ଡାକ୍ତରଖାନା ଯିବା । ଡ଼ାକ୍ତରଙ୍କୁ ଦେଖାଇ ଆପଣଙ୍କ ଘରକୁ ଫୋନ୍ କରିବା ।

ମୋ କଥା ଶୁଣି ତାଙ୍କ ଆଖି ଲୁହ ଛଳଛଳ ହୋଇଗଲା । କହିଲେ - ନାଇଁ ବାବୁ, ଏବେ ଥାଉ । କାହାକୁ ଖବର ଦେବି । ପଡ଼ିଶାଘର କାହାକୁ ଫୋନ୍ କଲେ ତ ମୋ ସ୍ତ୍ରୀ ବିକଳ ହୋଇ ଧାଇଁ ଆସିବ । ତାର ବି ତ ଦେହ ଭଲ ରହୁନାହିଁ । ମୁଁ ପରେ ଡାକ୍ତରଖାନା ଯାଇ ନିଶ୍ଚୟ ଦେଖାଇବି ।

ମୁଁ ପଚାରିଲି - ଆପଣଙ୍କର ପୁଅ ଝିଅ... ?

ହଁ ବାବୁ, ୨୨ ବର୍ଷର ଭେଣ୍ଡା ପୁଅଟିଏ ଅଛି । ଘରୁ ଥରେ ବାହାରିଗଲେ କେତେବେଳେ ଘରକୁ ଫେରିବ କିଛି ଠିକଣା ନାହିଁ । ଗତବର୍ଷ ଯେଉଁ ଦଙ୍ଗା ହୋଇଥିଲା, ସେହି ଦଙ୍ଗା ପରେ ପୋଲିସ ତାକୁ ଗିରଫ କରି ହାଜତରେ ପୁରାଇ ଥିଲେ । ଆଠମାସ ହାଜତ ଭିତରେ ଥିଲା । ତା' ମା'ର ନିତି ବାହୁନି ବାହୁନି କାନ୍ଦିବା ଆଉ ସହି ପାରିଲି ନାହିଁ । କେତେ ନେତାଙ୍କ ପାଦ ଧରି ନେହୁରା ହୋଇଛି । ଶେଷରେ ତା ମା' ର ଯାହା ଟିକେ ସୁନା ଗହଣା ଥିଲା ସବୁ ବିକି ଜାମିନରେ ତାକୁ ମୁକୁଳାଇ ଥିଲି । ଗଲା ରାତିରେ ବି ମୋର ଏମିତି ହୋଇଥିଲା । ଧଇଁସଇଁ ହୋଇ ଅଚେତ୍ ହୋଇପଡ଼ିଥିଲି । ଆଜି ସକାଳୁ ତା ମା' ତାକୁ କହିଲା - ' ବାପାଙ୍କୁ ଟିକେ ଡାକ୍ତରଖାନା ନେଇ ଯା ।' ସେ କଣ କହିଲା ଜାଣିଛନ୍ତି ? ଆଜି ପାର୍ଟି ଅଫିସରେ କୁଆଡେ ତାର କାମ ଅଛି । ତା ପାଖରେ ସମୟ ନାହିଁ । 'ମାମୁଁଙ୍କୁ ଖବର ଦିଅ, ସେ ଆସି ବାପାଙ୍କୁ ଡାକ୍ତରଖାନା ନେଇଯିବେ ।' ଏତିକି କହି ଘରୁ ବାହାରି ଚାଲିଗଲା । ସବୁ ମୋର ଭାଗ୍ୟ ବାବୁ । ଛାଡ଼ନ୍ତୁ, କେତେ ଆମର ଦୁଃଖ ଗାଇବି । ଚାଲନ୍ତୁ, ଆପଣଙ୍କର ଡେରି ହେଉଥିବ... !'

ତାପରେ ସେ ଧୀରେ ଉଠି ସାମ୍ନାକୁ ଗଲେ, ଅଟୋ ଷ୍ଟାର୍ଟ କଲେ । ଖୁବ୍ ଧୀର ଗତିରେ ଅଟୋ ଗଡୁଥାଏ ଆଉ ମୁଁ କିଛି କରିନପାରିବାର ଅସହାୟତାରେ ସନ୍ତୁଳି ହେଉ ହେଉ ସମଲେଶ୍ୱରୀ ମନ୍ଦିର ପାଖରେ ପହଞ୍ଚିଲି । ତାଙ୍କୁ ଭଡ଼ା ଦେଇସାରି ସାବଧାନରେ ଯାଇ ଯେମିତି ହେଉ ଡାକ୍ତରଙ୍କ ପାଖକୁ ଯିବା ପାଇଁ କହିଲି। ସେ ମୋତେ ନମସ୍କାର ଜଣାଇ ଚାଲିଗଲେ .... !

ଏହି ଘଟଣାଟି ଅନେକ ଦିନ ଧରି ମୋତେ ବିବ୍ରତ କରୁଥିଲା । ଆଜିର ଏଭଳି ବିପଥଗାମୀ କୌଣସି ସ୍ୱପ୍ନ ବିନା ଜୀବନକୁ ଗୋଟିଏ ଖିଆଲରେ ଜୀଉଁଥିବା ଯୁବକମାନଙ୍କ ବିଷୟରେ ଯେତେବେଳେ ଭାବୁଛି, ଅନେକ କଥା ମନକୁ ଆସୁଛି ....

ଯୌବନ ଚଞ୍ଚଳ, ଉଦ୍ଦାମ, ଅମାନିଆ, ବାଟଭାଙ୍ଗି ଚାଲିବାରେ ହିଁ ଯୌବନର ଆନନ୍ଦ । ଆଉ ଯୌବନରେ ଯଦି ରାଜନୈତିକ ଆଶ୍ରୟ ଏବଂ କିଛି ସହଜ ଅର୍ଥପ୍ରାପ୍ତି ଘଟେ, ତେବେ ଯୌବନ ଅତି ସହଜରେ ବାଟ ହୁଡ଼ିଯାଏ ଠିକ୍ ରାଜା ପରୀକ୍ଷିତଙ୍କ ଭଳି ।


ଯୌବନରେ ଯେତେବେଳେ ପରୀକ୍ଷିତ ଶାସନ କ୍ଷମତା ଅଧିକାର କଲେ, ଧନ , ପ୍ରତିପ୍ରତ୍ତି, ପ୍ରତିଷ୍ଠା ତାଙ୍କର ଅହଙ୍କାରକୁ ବହୁଗୁଣିତ କରିଦେଲା। ଉଦ୍ଦାମ ପରୀକ୍ଷିତ କାହାରିକୁ ଶୁଣିବାକୁ ନାରାଜ । ଦିନେ ଶୀକାର କରିବାକୁ ଯାଇଥିବା ସମୟରେ ସେ ତାଙ୍କର ସହଯୋଗୀ ସୈନ୍ୟସାମନ୍ତଙ୍କ ଠାରୁ ବିଚ୍ଛିନ୍ନ ହୋଇ ବହୁ ଦୂରକୁ ଚାଲିଗଲେ । ଘଞ୍ଚ ଜଙ୍ଗଲ ଭିତରେ ବାଟବଣା ହୋଇ ତୃଷାର୍ତ୍ତ ପରୀକ୍ଷିତ ଜଳର ସନ୍ଧାନରେ ବୁଲୁ ବୁଲୁ ଜଙ୍ଗଲ ଭିତରେ ଗୋଟିଏ ପତ୍ର କୁଡିଆ ଦେଖି ସେହି ଆଡ଼କୁ ଅଗ୍ରସର ହେଲେ । କୁଡ଼ିଆ ବାହାରେ ପହଞ୍ଚି ସେ ଦେଖିଲେ ଜଣେ ତରୁଣ ଋଷିକୁମାର କୁଡିଆ ବାହାରେ ଧ୍ୟାନରତ ହୋଇ ବସିଛନ୍ତି । ପରୀକ୍ଷିତ ଘୋଡାରୁ ଓହ୍ଲାଇ ଧ୍ୟାନରତ ଋଷି କୁମାରଙ୍କୁ ଦର୍ପର ସହିତ କହିଲେ - 'ମୁଁ ରାଜା ପରୀକ୍ଷିତ । ମୁଁ ତୃଷାର୍ତ୍ତ । ମୋର ତୃଷା ନିବାରଣ କରିବା ପାଇଁ ଶୀଘ୍ର ଜଳ ଯୋଗାଇବାର ବ୍ୟବସ୍ଥା କର ।' ଧ୍ୟାନରତ ଋଷିପୁତ୍ର କିଛି ଶୁଣିଲେ ନାହିଁ । ଜଣେ ସାଧାରଣ ଋଷିକୁମାରଙ୍କର ଏଭଳି ଅବଜ୍ଞା ପରୀକ୍ଷିତ ଆଦୌ ସହ୍ୟ କରିପାରିଲେ ନାହିଁ । ପୁନର୍ବାର ଅଧିକ ଦର୍ପର ସହିତ ଜଳ ଆଣିବା ପାଇଁ ଋଷି କୁମାରଙ୍କୁ ଆଦେଶ ଦେଲେ । ଧ୍ୟାନରତ ଋଷି କୁମାର ତଥାପି ଅଚଳ । ରାଜା ପରୀକ୍ଷିତ କ୍ରୋଧରେ ଅନ୍ଧ ହୋଇ ନିକଟରେ ପଡ଼ିଥିବା ଏକ ମଲା ସାପ ଋଷି କୁମାରଙ୍କ ବେକରେ ଗୁଡ଼ାଇ ଦେଇ ସେଠାରୁ ଚାଲିଗଲେ ।

କିଛି ସମୟ ପରେ ଋଷି କୁଟିରକୁ ଫେରିଆସି ଋଷି କୁମାରଙ୍କ ବେକରେ ମଲା ସାପ ଓହଳୁଥିବା ଦେଖି ଅଭିଶାପ ଦେଲେ ଯେ - ଏହି ଦୁଷ୍କର୍ମ ଯିଏ କରିଛନ୍ତି ଆସନ୍ତା ସାତଦିନ ଭିତରେ ସର୍ପ ଦଂଶନରେ ତାଙ୍କର ମୃତ୍ୟୁ ହେବ ।

ଋଷିଙ୍କର ଅଭିଶାପ କଥା ଚାରିଆଡ଼େ ପ୍ରଚାରିତ ହେଲା ଏବଂ ରାଜାଙ୍କ କାନକୁ ମଧ ଆସିଲା । ସମସ୍ତେ କହିଲେ ଯେ ଋଷିଙ୍କର ଅଭିଶାପ ଅନ୍ୟଥା ହେବନାହିଁ । ପରୀକ୍ଷିତ ରାଜା ସର୍ପ ଦଂଶନ ଭୟରେ ଆତଙ୍କିତ ହୋଇ ପଡିଲେ। ସେ ରାଜ୍ୟରୁ ସର୍ପ ନିପାତ କରିବା ପାଇଁ ଆଦେଶ ଦେଲେ । ହଜାର ହଜାର ସଂଖ୍ୟାରେ ସର୍ପ ନିପାତ କରାଗଲା । ତାପରେ ସର୍ପ ଦଂଶନର ଆଶଙ୍କାରେ ଆତଙ୍କିତ ରାଜା ରାଜ ଉଆସକୁ ନିବୁଜ କରିଦେବା ପାଇଁ ଆଦେଶ ଦେଲେ । ତଥାପି ସର୍ପ ଦଂଶନର ଆତଙ୍କରୁ ମୁକ୍ତ ହୋଇପାରିଲେ ନାହିଁ । ଦେଶର ସମସ୍ତ ସାପୁଆକେଳାଙ୍କୁ ଡକାଇ ରାଜଉଆସକୁ ଜଗିବାର ଆଦେଶ ଦେଲେ । ଶେଷରେ ରାଜାଙ୍କର ଯେତେବେଳେ ହୃଦବୋଧ ହେଲା ଯେ ସର୍ପ ଦଂଶନରୁ ତାଙ୍କର ମୁକ୍ତି ନାହିଁ ସେତେବେଳେ କାହାରିକୁ କେବେହେଲେ ଶୁଣୁନଥିବା ରାଜା ଶୁଣିବା ପାଇଁ ଆଗ୍ରହ ପ୍ରକାଶ କଲେ । ପଣ୍ଡିତେ ଆସି ରାଜାଙ୍କୁ ଶାସ୍ତ୍ର ଶୁଣାଇବା ଆରମ୍ଭ କଲେ । ସେଥିପାଇଁ ଆମ ଶାସ୍ତ୍ରର ପ୍ରଥମ ବାକ୍ୟ - ଶୁଣ ପରୀକ୍ଷ ନରନାଥ.. !'

ଆହା... ପରୀକ୍ଷିତଙ୍କର ଜ୍ଞାନ ଉଦୟ ହେବା ବେଳକୁ କିନ୍ତୁ ବହୁ ବିଳମ୍ବ ହୋଇ ଯାଇଥିଲା ଏବଂ ସେ ଶେଷରେ ସର୍ପ ଦଂଶନରେ ମୃତ୍ୟୁବରଣ କଲେ ।

ଆଜିର ଏହି ପଥଭ୍ରଷ୍ଟ ଯୁବ ସମାଜକୁ ବେଳ ଥାଉଁ ଥାଉଁ ଠିକ୍ ମାର୍ଗ ଦର୍ଶନ କରାଇବା ପାଇଁ କଣ କେହି ମହାତ୍ମା ଜନ୍ମଗ୍ରହଣ କରିବେ ନାହିଁ ।




ତରୁଣମାନଙ୍କୁ ସ୍ୱପ୍ନ ଦେଖାଇବା ପାଇଁ ଯୋଗ୍ୟ ଦୁଇଜଣ ମହାପୁରୁଷଙ୍କ କଥା ସର୍ବପ୍ରଥମେ ମନକୁ ଆସେ। ସେହି ଦୁଇଜଣ ହେଉଛନ୍ତି - ସ୍ୱାମୀ ବିବେକାନନ୍ଦ ଏବଂ ନେତାଜୀ ସୁବାଷ ଚନ୍ଦ୍ର ବସୁ ( ବୋଷ ) ।

ଏଠାରେ ନିହାତି ପ୍ରାସଙ୍ଗିକ ମନେକରି ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ରଚିତ 'ତରୁଣେର ସ୍ୱପ୍ନ' ପୁସ୍ତକ ସମ୍ପର୍କରେ ଏବଂ ତରୁଣମାନଙ୍କ ସମ୍ପର୍କରେ କେତୋଟି କଥା ଲେଖିବାର ଆବଶ୍ୟକତା ଅନୁଭବ କରୁଛି ।

### ତରୁଣେର ସ୍ୱପ୍ନ ( ତରୁଣର ସ୍ୱପ୍ନ )
### ସୁଭାଷ ଚନ୍ଦ୍ର ବସୁ
### (ସୁଭାଷ ଚନ୍ଦ୍ର ବୋଷ)


ଭାରତ ମାତାଙ୍କ ଦୁଇଜଣ ସୁଯୋଗ୍ୟ ସନ୍ତାନ ଜଣେ ୰ସ୍ୱାମୀ ବିବେକାନନ୍ଦ ଏବଂ ଅନ୍ୟଜଣେ ୰ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ପିଲାଦିନରୁ କାହିଁକି କେଜାଣି ଏହି ଦୁଇଜଣଙ୍କର ବ୍ୟକ୍ତିତ୍ୱ ପ୍ରତି ମୋର ପ୍ରବଳ ଆକର୍ଷଣ ଅନୁଭବ କରୁଥିଲି । ଛାତ୍ରାବସ୍ଥାରେ ବହି କିଣିବାର ସାମର୍ଥ୍ୟ ନ ଥିଲା ପୁଣି ଥିଲା ପରୀକ୍ଷା ପାଇଁ ପ୍ରସ୍ତୁତି, ତେଣୁ ଆଗ୍ରହ ଥାଇ ମଧ ବିଶେଷ କିଛି ପଢ଼ି ପାରିନଥିଲି । ବିଭିନ୍ନ ସୂତ୍ରରୁ ପାଇଥିବା କିଛି ବହି ପଢ଼ିଥିଲି ଏବଂ ଉଭୟଙ୍କୁ ଜାଣିବାର ଏବଂ ଚିହ୍ନିବାର ଆଗ୍ରହ ଆହୁରି ପ୍ରବଳ ହୋଇଥିଲା । ଚାକିରି କରିବା ପରେ ବିବେକାନନ୍ଦ ଏବଂ ସୁଭାଷ ବୋଷଙ୍କ ସମ୍ପର୍କରେ କୌଣସି ଭଲ ବହିର ସନ୍ଧାନ ପାଇବା ସାଙ୍ଗେ ସାଙ୍ଗେ ସେହି ବହି ସଂଗ୍ରହ କରି ପଢିଛି । କିଛି ଜାଣିବାକୁ ପାଇଛି କିନ୍ତୁ ଜିଜ୍ଞାସା ଅସରନ୍ତି , ଆହୁରି ଜାଣିବା ପାଇଁ ଆଗ୍ରହ ବଢ଼ିଛି । ଯେତେ ଯେତେ ପଢିଲେ ମଧ ଲାଗୁଛି ଯେ ଏମାନଙ୍କ ବ୍ୟକ୍ତିତ୍ୱକୁ ବୁଝିବାକୁ ହେଲେ ଆହୁରି ପଢିବାକୁ ପଡ଼ିବ । (ଆରଥରକୁ)

କୁଚିଣ୍ଡା, ସମ୍ବଲପୁର

---

ପଢ଼ିବା ପରେ

# ଅନ୍ଧାର ବି ଆପଣାର






ବିକାଶୀ ଆମ ସମୟର ଜଣେ ଉଦୀୟମାନ ଯୁବ ପ୍ରତିଭା । ଗତବର୍ଷ ତାଙ୍କର ପ୍ରକାଶିତ କବିତା ସଂକଳନ 'ଝିଅ ପାଇଁ ଚେନାଏ ଆକାଶ' ପରେ ଚଳିତ ବର୍ଷ ତାଙ୍କର ପ୍ରଥମ ଉପନ୍ୟାସ 'ଅନ୍ଧାର ବି ଆପଣାର' ପ୍ରକାଶିତ ହେବା ତାଙ୍କ ପାଠକମାନଙ୍କ ପାଇଁ ବଡ଼ ଖୁସିର ଖବର। ବିକାଶୀ ପ୍ରିୟଦର୍ଶିନୀ ରାଉତଙ୍କ ବୃତ୍ତି ଶିକ୍ଷକତା ପ୍ରବୃତ୍ତି ଲେଖିବା। ପ୍ରେମ, ପରିବାର, କର୍ମକ୍ଷେତ୍ର.. ସବୁଠି ରହିଛି ନାୟିକା ଚିନ୍ମୟୀର ସଂଘର୍ଷପୂର୍ଣ୍ଣ କାହାଣୀ।

ଉପନ୍ୟାସରେ ଅନେକ ଗୁଡ଼ିକ ଗୌଣ ଚରିତ୍ର ରହିଥିବା ସ୍ଥଳେ ତିନୋଟି ମୁଖ୍ୟ ଚରିତ୍ର ରହିଛି। ନାୟିକା ଚିନ୍ମୟୀ, ସ୍ୱାମୀ ଚନ୍ଦନ ଚୌଧୁରୀ ଏବଂ ପ୍ରେମିକ ଅର୍ଣ୍ଣବ ପଟ୍ଟନାୟକ।

ଚିନ୍ମୟୀ ଗୋଟିଏ ନିମ୍ନ ମଧ୍ୟବିତ୍ତ ପରିବାରର ଝିଅ ଯିଏ ଜୀବନର ପ୍ରତିଟି କ୍ଷେତ୍ରରେ ସଂଘର୍ଷ କରୁଥାଏ। ପ୍ରତିଟି ପଦରେ ଜୀବନ ତା'ର ପରୀକ୍ଷା ନେଉଥାଏ। ତଥାପି ପ୍ରତିଦିନ ନୂଆ କିଛି କରିବାର ସଂକଳ୍ପ ନେଇ ସତର୍କତାର ସହ ସେ ଆଗକୁ ବଢୁଥାଏ। ସମୟକ୍ରମେ ସେ ଉଚ୍ଚଶିକ୍ଷିତା ହୁଏ ଆଉ ଭାଗ୍ୟଦେବୀ ପ୍ରସନ୍ନ ହୁଅନ୍ତି। ମିଳେ ଅଧ୍ୟାପନା ଚାକିରି। ମାତ୍ର ସେଇଠି ଗୋଟେ ବଖୁରିକିଆ ଭଡ଼ା ଘରେ ଜଣେ ସମ୍ପର୍କୀୟଜେଜେଙ୍କ କ୍ରୁର କାମନାର ଶିକାର ହେବା ଆଗରୁ ସେ ସ୍ଥାନ ପରିତ୍ୟାଗ କରେ।

ଏଇଠୁଁ ଆରମ୍ଭ ହୁଏ ନାୟିକାର ସହିବାର ଆଉ ସଂଘର୍ଷର କାହାଣୀ। ଜୀବନର କଣ୍ଟକିତ ଡାଳରେ ସମୟ ପୁଣି ଭରସାର ଫୁଲ ଫୁଟାଏ। ପୁଣି ନୂଆ ସ୍ଥାନରେ ଯୋଗ ଦିଏ ଚିନ୍ମୟୀ।

ବିବାହ ନାରୀ ଜୀବନର ଏକ ବହୁ ପ୍ରତୀକ୍ଷିତ ଅଧ୍ୟାୟ ଯାହାକୁ ନେଇ ପ୍ରତିଟି ଝିଅ ସ୍ୱପ୍ନ ଦେଖିଥାନ୍ତି। ମାତ୍ର ଏବେ ବି ଏ ସମାଜରେ ନିଜ ବିବାହ ବିଷୟରେ ନିଜେ ନିଷ୍ପତ୍ତି ନେବାର ଅବସର ଝିଅର ନଥାଏ ସେ ଯେତେ ଉଚ୍ଚ ଶିକ୍ଷିତ ହେଇଥାଉ ନା କାହିଁକି। ବାପା, ମା'ଙ୍କ ଇଚ୍ଛା ଆଉ ସମ୍ମାନ ଆଗରେ ବଳି ପଡ଼ିଯାଏ ଝିଅର ପ୍ରେମ ପ୍ରଣୟ, ସ୍ୱପ୍ନ, ଆଗ୍ରହ ସବୁ ଯଦିଓ ଏ କାହାଣୀର ନାୟିକା ଆଦ୍ୟ ଯୌବନରେ କାହାର ପ୍ରେମରେ ପ୍ରଲୋଭିତ ହୋଇନାହିଁ। ମାତ୍ର ଦୁର୍ଭାଗ୍ୟକୁ ତା ଜୀବନ ଛନ୍ଦି ହୋଇ ଯାଇଚି ଗୋଟିଏ ମଦ୍ୟପ ସହିତ ଯିଏକି ଗୋଟିଏ ରାଜନୈତିକ ପରିବାରର ଉତ୍ତରାଧିକାରୀ। ସେଠି ବାପା, ମା ' ଙ୍କୁ ଏଠି ମଦ୍ୟପ ସ୍ୱାମୀକୁ ଖୁସି କରିବାକୁ ବଳି ପଡ଼ି ଯାଇଚି ଚିନ୍ମୟୀର ଇଚ୍ଛା ଅନିଚ୍ଛା ସବୁ କିଛି। ପ୍ରତିଟି ବିଳମ୍ବିତ ରାତ୍ରିରେ ଉପଭୋଗ ନିଆଁରେ ଆହୁତି ହୋଇ ଜଳୁଥିଲା ସେ। ଯେମିତି କୌଣସି ଅଜଣା ମଣିଷର ଦସ୍ତଖତ ତା ଦେହରେ ବରଦାସ୍ତ କରିବା ହିଁ ତା ନିୟତି । ସେଥିପାଇଁ ବୋଧହୁଏ ତା'ର ବହୁ ପ୍ରତୀକ୍ଷିତ ପ୍ରଥମ ରାତିଟି ସ୍ନେହ, ଶ୍ରଦ୍ଧା, ଯତ୍ନ ଆଉ ପ୍ରେମ ବିନା ଗୋଟିଏ ବଳାତ୍କାରର ରାତି ହୋଇ ଆସିଥିଲା ଜୀବନରେ।

ଶାଶୁ ବି କିଛି କମ୍ ନିର୍ଦ୍ଦୟୀ ନଥିଲା। ଶଶୁର ବି ସ୍ୱାର୍ଥପର। ଏମିତି ଏକ ପରିବେଶ ତା ପାଇଁ ନର୍କ ପାଲଟି ସାରିଥିଲା। ଝିଅଟିଏ ପାଇଁ ଜୀବନର ପ୍ରତିଟି ରାସ୍ତା ବନ୍ଧୁର ଆଉ ଏଥିପାଇଁ ସତର୍କତାର ପାଦ ପକେଇବାକୁ ହୁଏ। ବିବାହ ପରେ ସେ ଦୁହିତା ନାମକୁ ସାର୍ଥକ କରିବାକୁ ଯେମିତି ତା'ର ଜନ୍ମ। ଯାହା ଚିନ୍ମୟୀ ଜୀବନରେ ଘଟୁଛି। ଶେଷକୁ ସୁଖଦ ମୁହୂର୍ତ୍ତଟିଏ ଆସେ। ମା ହେବାର ସ୍ୱପ୍ନରେ ବିଭୋର ହୁଏ ସେ। ସେତିକି ବେଳେ ଆସେ ଜୀବନରେ ଆଉ ଏକ ଝଡ଼। ଚନ୍ଦନ ଜୀବନରେ ଆସେ ଆଉ ଏକ ନାରୀ। ଶେଷ ଭରସା ଟିକକ ଜଳି ପୋଡ଼ି ପାଉଁଶ ହେବା ପରେ ଭାଙ୍ଗି ପଡ଼େ ଚିନ୍ମୟୀ। ମଥାର ସିନ୍ଦୂର ପାଲଟି ଯାଏଁ ଶସ୍ତା ନାଲି ରଙ୍ଗ ଟୋପେ। ପତ୍ନୀ ହେବାର ଅଭିନୟ ତାକୁ ବୋଝ ଲାଗେ। ନିଜ ଦରମା ନିଜେ ଉଠେଇ ଖର୍ଚ୍ଚ କରିବାର ଆର୍ଥିକ କ୍ଷମତା ସେ ହରାଏ। ଏତେ ସବୁ ଦୁଃଖ, ଯନ୍ତ୍ରଣା, ଲୁହକୁ ଯାକି କେତେ କାଳ ବଞ୍ଚିବ ଝିଅଟିଏ !

ଏମିତି ଏକ ଅସଜଡ଼ା ମୁହୂର୍ତ୍ତରେ ସାମାଜିକ ଗଣମାଧ୍ୟମରେ ଆବିର୍ଭାବ ଘଟେ କବି ଅର୍ଣ୍ଣବ ଓରଫ ଅର୍ଣ୍ଣବ ପଟ୍ଟନାୟକର, ଯିଏ କି ଏକଦା ଥିଲା ତା'ର ସହପାଠୀ ଆଉ ଏକ ତରଫା ପ୍ରେମ କରୁଥିବା ନିରବ ପ୍ରେମିକ। ଜୀବନରେ ଆସୁଥିବା ଏମିତି ପ୍ରେମ ସଦାବେଳେ ନାମହୀନ ଆଉ ସଂସାର ଦୃଷ୍ଟିରେ ଘୃଣ୍ୟ ଯଦିଓ ଏହା ଆଇନ ସମ୍ମତ। ଏଠି କେହି କାହାକୁ ପାଇବାର ଆଶା ନଥାଏ। କେବଳ ଜୀବନର ଅସଜଡ଼ା ମୁହୂର୍ତ୍ତର ତିକ୍ତ ମଧୁର ଅନୁଭବ ବାଣ୍ଟିବାର ଏକ ଅବସର ମାତ୍ର। ଏମିତି ଏକ ସୁଖଦ ମୁହୂର୍ତ୍ତରେ ଜୀବନ ପୁଣି ଥରେ ପରୀକ୍ଷା ନିଏ ଚିନ୍ମୟୀର। ବହୁ ପରୀକ୍ଷା ନିରୀକ୍ଷା ପରେ ଜଣାପଡ଼େ ଓଭାରୀ କ୍ୟାନସର ଚତୁର୍ଥ ଷ୍ଟେଜରେ।.. ଉପସଂହାର ବାକି ଥାଉ।

ଗୋଟିଏ ଝିଅର ଯନ୍ତ୍ରଣା ଜର୍ଜରିତ ଆଉ ଅନ୍ୟ ପାଇଁ ସମର୍ପିତ ଜୀବନର ମର୍ମସ୍ପର୍ଶୀ କାହାଣୀ 'ଅନ୍ଧାର ବି ଆପଣାର' । ବିକାଶୀଙ୍କ କାରୁକାର୍ଯ୍ୟ ପାଠକଙ୍କୁ ଆକୃଷ୍ଟ କରିବ ନିଶ୍ଚୟ। ବହିଟିର ପ୍ରକାଶକ ହେଲେ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ବାଗ୍ମୀ ପବ୍ଲିକେଶନ। ଶହେ କୋଡ଼ିଏ ପୃଷ୍ଠା ବହିର ମୂଲ୍ୟ ରହିଛି ଶହେ ଅଶୀ ଟଙ୍କା। ❤




ସମୀକ୍ଷା : ବିପ୍ଳବ
ମକୁନ୍ଦପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬

---

# ପିଲାଙ୍କ ଶିକ୍ଷା ଓ ବିକଶିତ ବୁଦ୍ଧିମତ୍ତା

## ଡକ୍ଟର ସୁରେଶ କୁମାର ନାୟକ



ଦିନକୁ ଦିନ ପିଲାମାନଙ୍କ ପାଇଁ ପାଠପଢ଼ା ସହ ବ୍ୟବହାରିକ ଜ୍ଞାନରେ ଦକ୍ଷତା ରଖିବା ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ସମୟରେ ପାଠର ଆହ୍ୱାନକୁ ଯଥାର୍ଥରେ ମୁକାବିଲା କରିବାରେ ବୁଦ୍ଧିମତ୍ତାର ପ୍ରମୁଖ ଭୂମିକା ରହିଛି। ସାଙ୍ଗମାନଙ୍କ ସହିତ ବାହାରେ ଖେଳିଲେ ପିଲାମାନେ ମାନସିକ ସ୍ତରରେ ଅନେକାଂଶ ସୁସ୍ଥ ରହିଥାନ୍ତି। ଏହାଦ୍ୱାରା ସେମାନଙ୍କର ମନ ହାଲକା ରହିବା ସହ ପାଠପଢ଼ା ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇଥାଏ। ସେମାନେ ଖେଳିବା ସମୟରେ ପରସ୍ପର ସହ ଥଟ୍ଟାମଜା କରନ୍ତି। ଏହାଦ୍ୱାରା ମଧ ତାଙ୍କର ମାନସିକ ସ୍ଥିତି ବ୍ୟତୀତ ବୁଦ୍ଧିମତାର ବିକାଶ ଘଟିଥାଏ। ତେଣୁ ପାଠପଢ଼ା ବ୍ୟତୀତ ସେମାନେ କିଛି ସମୟ ଖେଳକୁଦରେ କଟାଇବା ଆବଶ୍ୟକ। ପିଲାଙ୍କ ବୁଦ୍ଧିମତ୍ତା ବଢ଼ାଇବାରେ ଖେଳ ଅନ୍ୟତମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କାରଣ ଏହା ହେଉଛି ମନୋରଞ୍ଜନର ଅନ୍ୟତମ ମାଧ୍ୟମ। ଏହାଦ୍ୱାରା ତାଙ୍କର ଭାବିବା ଏବଂ ବୁଝିବା ଶକ୍ତିରେ ବୃଦ୍ଧି ଘଟିଥାଏ। ଫଳରେ ତାଙ୍କ ଧୈର୍ଯ୍ୟ, ସହଯୋଗର ଭାବନା ଏବଂ ଅନ୍ୟ ସହିତ ତାଳମେଳ ରଖିବାର କଳା ବି ମଜଭୁତ ହୋଇଥାଏ। ଏଠାରେ କେତୋଟି ବିଷୟରେ ସୂଚନା ଦିଆଯାଉଛି, ଯାହା ପିଲାର ବୁଦ୍ଧିମତ୍ତା ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରିବ।

ବେଳେବେଳେ ଲୋକେ ଭାବିଥାନ୍ତି ଖେଳିବା ଦ୍ୱାରା କେବଳ ସ୍ୱାସ୍ଥ୍ୟ ଭଲ ରୁହେ, କିନ୍ତୁ ଏମିତି କିଛି ଇନଡୋର ଗେମ୍ସ ରହିଛି ଯାହା ସେମାନଙ୍କର ଭାବନାକୁ ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରେ। ଉଦାହରଣ ସ୍ୱରୂପ କ୍ୟାରମ, ଲୁଡୁ, ଚେସ। ଏହି ପ୍ରକ୍ରିୟାରେ ପିଲା ଅନ୍ୟର ଭାବନାକୁ ବୁଝିବା, ଧୈର୍ଯ୍ୟ ରଖିବା ଏବଂ ଟିମ ୱ୍ୱର୍କ ସହଯୋଗ ବିଷୟରେ ଶିଖିଥାଏ। ଏପରିକି କି ଖେଳ ତାଙ୍କୁ ସହାନୁଭୂତି, ଅନ୍ୟ ସହିତ ତାଳମେଳର ଭାବନା ଶିଖାଇଥାଏ।

ବୁଦ୍ଧିମତ୍ତା ବଢ଼ାଇବାକୁ ହେଲେ ପଜଲ ଗେମ୍, ମେମୋରୀ ଗେମ୍ସ, ଷ୍ଟ୍ରାଟେଜି ଗେମ୍ସ ସବୁଠାରୁ ପ୍ରଭାବଶାଳୀ ହୋଇଥାଏ। ପ୍ରତିଦିନ ଅତିକମରେ ୧୫-୨୦ ମିନିଟ ଏସବୁ ଖେଳକୁ ସମୟ ଦେବା ଦ୍ୱାରା ପିଲାର ବୁଦ୍ଧିମତା କେତେକାଂଶରେ ବିକଶିତ ହୋଇଥାଏ। ଏହା ବ୍ୟତୀତ ଏହି ଖେଳ ପିଲାକୁ ଧ୍ୟାନ କେନ୍ଦ୍ରିତ କରିବା ଏବଂ ଯୋଜନା ପ୍ରସ୍ତୁତ କରିବା ମଧ ଶିଖାଇଥାଏ। ତେବେ ପିଲାଟି ଯେପରି ଏହା ବ୍ୟତୀତ ଅନ୍ୟ କୌଣସି ଗେମ୍ସ ପ୍ରତି ଆକୃଷ୍ଟ ନହୁଏ ସେ ଦିଗକୁ ମଧ ଦେଖନ୍ତୁ।

ପିଲାଟିର ଖେଳ ପ୍ରତି ଆଗ୍ରହ ଥିଲେ ତାକୁ ସୁଯୋଗ ଦିଅନ୍ତୁ ହେଲେ କୌଣସି ଚାପର ବଶବର୍ତ୍ତୀ ହୁଅନ୍ତୁ ନାହିଁ। କାରଣ ଏହା ପିଲାଟିର ମାନସିକ ଓ ବୁଦ୍ଧିମତା କ୍ଷେତ୍ରକୁ ପ୍ରଭାବିତ କରିଥାଏ। ପିଲାମାନଙ୍କର ଖେଳକୁଦ ପ୍ରତି ପିଲାବେଳୁ ଆଗ୍ରହ ରହିବାକୁ କେହି କେହି ଓଡ଼ିଆ ଢ଼ଗରେ କୁହନ୍ତି 'ତୁଳସୀ ଦୁଇ ପତ୍ରରୁ ବାସେ'। ଯଥାର୍ଥରେ ବାଧବାଧକତାରେ ନଖେଳି ବରଂ ପିଲାଟି ସକରାତ୍ମକ ଭାବରେ ତା ନିଜ ପସନ୍ଦର ଖେଳକୁ ପ୍ରଦର୍ଶନ କଲେ ତା ଭିତରୁ ହିଁ ନୂଆ ଉତ୍ସାହ ସୃଷ୍ଟି ହୋଇଥାଏ। ଯାହାର ସକରାତ୍ମକ ମନୋଭାବ ତାର ଦକ୍ଷତାକୁ ବଢ଼ାଇଥାଏ। ଆଜିର ସମୟରେ ନୂଆ ନୂଆ କୌଶଳ ପିଲାମାନଙ୍କର ବୁଦ୍ଧିମତ୍ତାର ବିକାଶ କେବଳ ଘଟାଉନାହିଁ ବରଂ ଅନ୍ତର୍ନିହିତ ପ୍ରତିଭାକୁ ବଢ଼ାଉଛି।


ଦିନରେ ଅତିକମରେ ଅଧଘଣ୍ଟା ଆଉଟଡୋର ଗେମ୍ସ ଖେଳିବାକୁ ଚେଷ୍ଟା କରନ୍ତୁ। ଫଳରେ ଏଥିରୁ ସେମାନେ ଟିମୱ୍ୱର୍କ ଏବଂ ସହଯୋଗ ଶିଖିଥାଆନ୍ତି। ଘରେ ଏଭଳି କେତେକ ଇନଡୋର ଗେମ ଅଛି, ଯାହାକୁ ପିଲା ନିୟମିତ ଖେଳିପାରିବେ। ବିଶେଷ ଭାବରେ ଚେସ୍, ଲୁଡୁ ଭଳି ଖେଳ ବୁଦ୍ଧିମତ୍ତା ବିକାଶରେ ଅନେକାଂଶରେ ସହାୟକ ହୋଇଥାଏ। ଖେଳିବା ଦ୍ୱାରା ମନରୁ ନାକାରାତ୍ମକ ଭାବନା କେତେକାଂଶରେ ଦୂର ହୋଇଥାଏ। ଖୁସି ମନରେ ସବୁବେଳେ ଖେଳିବା ଭଲ।

ମନେରଖନ୍ତୁ ପିଲାଟିର ବୁଦ୍ଧିମତ୍ତା କେବଳ ସୋସିଆଲ ମିଡ଼ିଆ ବା ପୋଥିଗତ ବିଦ୍ୟା ଦ୍ୱାରା ଆୟତ ହୋଇପାରିନଥାଏ। ପିଲାଟିର ଅଭିଭାବକଙ୍କର ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କେହି କେହି ବୁଝନ୍ତି ଯେ ବୁଦ୍ଧିମତ୍ତାର ବିକାଶ ନହେଲେ କ୍ୟାରିୟର ସତେ ଯେପରି ଅପୂରଣୀୟ ରହିଯିବ ତେବେ ଏହା ଆଦୌ ନୁହେଁ। ପାଠପଢ଼ା ସହ ବୁଦ୍ଧିମତା ବିକାଶର ସଂଯୋଗ ରହିଛି। ସାଙ୍ଗ ମାନଙ୍କ ସହିତ ଏ କ୍ଷେତ୍ରରେ ଭଲ ଭାବରେ ଭାବନାଗତ ତଥ୍ୟକୁ ନେଇ ଚର୍ଚ୍ଚା କରନ୍ତୁ। ଶ୍ରେଣୀ ସାର୍‌ଙ୍କ ସହଯୋଗ ନିଅନ୍ତୁ ଏବଂ କୌଣସି ପ୍ରସଙ୍ଗକୁ ହାଲକାରେ ନିଅନ୍ତୁ ନାହିଁ ଏବଂ ସବୁବେଳେ ଏକ ପ୍ରକାର ମାନସିକ ଭାବେ ମୁକ୍ତ ରୁହନ୍ତୁ। ପାଠପଢ଼ାକୁ କଦାପି ବୋଝ ବୋଲି ଭାବନ୍ତୁ ନାହିଁ।

❤ ଅଧ୍ୟକ୍ଷ,
ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯,
ସିଡିଏ, କଟକ

---

## ପୂଜା ପତ୍ରିକା ସମୀକ୍ଷା




**ସାହିତ୍ୟର ସ୍ୱର**
ସମ୍ପାଦକ :
**ଜୟରାମ ସାହୁ**
ଠିକଣା : ଶ୍ରୀରାମ ଭବନ, ଅଚ୍ୟୁତାନନ୍ଦ କଲୋନୀ, ଥାନାଛକ, ନିଶ୍ଚନ୍ତ କୋଇଲି
କଟକ-୭୫୪୨୦୭
(ମୋ) ୯୬୬୮୩୬୬୭୪୯
ପୃଷ୍ଠା-୧୬୪, ମୂଲ୍ୟ : ୧୫୦/-

"ଉତ୍ତର ଆଧୁନିକ ସାହିତ୍ୟର ଦୃଷ୍ଟିଭଂଗୀକୁ ପାଠକ ସମ୍ମୁଖରେ ସହଜରେ ଉପସ୍ଥାପିତ କରିବା ଆଦି ବିଭିନ୍ନ ଦିଗ ପ୍ରତି ଦୃଷ୍ଟିଦେଲେ ସାହିତ୍ୟ ସର୍ବକାଳୀନ ଓ ସର୍ବଜନାଦୃତ ହୋଇପାରିବ । ଉତ୍ତର ଆଧୁନିକତା, ମାନବବାଦ ତଥ୍ୟ ଉପରେ ପର୍ଯ୍ୟବେସିତ । କବି ବା ଲେଖକ ବ୍ୟକ୍ତିକୈନ୍ଦ୍ରିକ ବା ଗୋଷ୍ଠୀ କୈନ୍ଦ୍ରିକ ବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଗୁଣଗାନ ପାଇଁ ବ୍ୟବହୃତ ହୋଇନଥାଏ ବରଂ ମାନବ ସମାଜର ଉନ୍ନତିକଳ୍ପେ ଓ ଶୋଷଣମୁକ୍ତ ସମାଜଗଠନରେ ତଥା ସାମାଜିକ ଶୃଙ୍ଖଳା ବଜାୟ ରଖିବାରେ ସହାୟକ ହୋଇଥାଏ ।

ସାରସ୍ୱତ ସ୍ରଷ୍ଟାର କଲମ ବଲମ ଠାରୁ ଟାଣ । ସେ କବି, ଲେଖକ, ପ୍ରାବନ୍ଧିକ ବା ନାଟ୍ୟକାର ହେଉନା କାହିଁକି, ତାଙ୍କ ଚେତନାରେ ସୃଷ୍ଟିର ମହାଭାବଧାରା ଉନ୍ମେଳିତ ହୋଇଥାଏ । କବି ସୃଷ୍ଟିକୁ ମଧୁମୟ କରିବାକୁ ପ୍ରୟାସ ଜାରି ରଖେ ।"

ଏତକ ବକ୍ତବ୍ୟ ସମ୍ପାଦକ ଜୟରାମ ସାହୁଙ୍କର, ଯାହା ପୂଜାସଂଖ୍ୟା 'ଚିନ୍ତା ଚେତନାର ସମନ୍ୱୟ ସାହିତ୍ୟର ସ୍ୱର ପତ୍ରିକାର' ଗାମ୍ଭୀର୍ଯ୍ୟକୁ କରୁଛି ପ୍ରତିପାଦିତ ।

ପତ୍ରିକାଟି ଅଷ୍ଟମ ବର୍ଷ ଦଶମ ସଂଖ୍ୟାରେ ପଦାର୍ପଣ କରିଥିବା ବେଳେ ଏହାର ପ୍ରଚ୍ଛଦରେ ଏଇ ସଂଖ୍ୟା ଅଗ୍ନିକନ୍ୟାମାନଙ୍କୁ ସମର୍ପିତ ବୋଲି ସୂଚନା ଦିଆଯାଇଛି, ଯାହା ସାମାଜିକ ଚେତନାର ଅନ୍ୟ ଏକ ଦିଗନ୍ତକୁ ସୂଚିତ କରୁଛି ।

ଏଥିରେ ଆବାହନୀ ସ୍ତମ୍ଭରେ ସସ୍ମିତା ପଣ୍ଡା, ପୁଷ୍ପାଞ୍ଜଳି ପଣ୍ଡା, ଗୀତାରାଣୀ ବେହେରା, ଦେବପ୍ରସାଦ କର, ଅନୀତା ପାଣି, ବିବେକାନନ୍ଦ ନାୟକଙ୍କ ଲେଖା ସ୍ଥାନିତ ହୋଇଥିବା ବେଳେ ପ୍ରବନ୍ଧ ପ୍ରକୋଷ୍ଠରେ ପ୍ରାଧ୍ୟାପକ ଡ. ଅଶୋକ କୁମାର ମହାନ୍ତି, ପ୍ରଫେସର ମଣୀନ୍ଦ୍ର ମେହେର, ପ୍ରଫେସର ବବ୍ରୁବାହନ ମହାପାତ୍ର, ଡ. ଧରଣୀଧର ନାଥ, ଡ. ଚିନ୍ମୟୀ ମହାପାତ୍ର, ପତିତପାବନ ଗିରି, ଡ. ବାସୁଦେବ ଦାସ, ଡ. ସାରଦା ପ୍ରସାଦ କର, ଡ. ସର୍ବେଶ୍ୱର ସେଣ, ଡ. ବିଜୟଲକ୍ଷ୍ମୀ ଦାଶ, ହରିପ୍ରସାଦ ମୁଣ୍ଡ, ଡ. ସସ୍ମିତା ରାୟ, ଚୌଧୁରୀ ବରଦା ପ୍ରସନ୍ନ ଦାସ ଡ. ସଂଘମିତ୍ର ବେହେରା ପ୍ରମୁଖଙ୍କ ପ୍ରବନ୍ଧ ପ୍ରମାଣିତ ହୋଇଛି ।

ଗଳ୍ପରେ ପ୍ରକାଶ ପରିଡା, ନିବାରଣ ଜେନା, ଭୀମ ପୃଷ୍ଟି, ଆନନ୍ଦ କୁମାର ମାଇତି, ତ୍ରିନାଥ ପଟ୍ଟନାୟକ, ଚିତ୍ତରଂଜନ ବେହେରା, ସଚ୍ଚିଦାନନ୍ଦ କର, ରାମକୃଷ୍ଣ ଦାଶ, କାଶୀନାଥ ନନ୍ଦୀ, ଲିପ୍ସା ପଟେଲ, ଲକ୍ଷ୍ମୀ ଚାନ୍ଦ, ଅଞ୍ଜନ ଚାନ୍ଦ, ଅନ୍ନପୂର୍ଣ୍ଣା ମହାନ୍ତି, ଶରତ କୁମାର ସାହୁଙ୍କ ଗଳ୍ପ ପ୍ରକାଶ ପାଇଥିବା ବେଳେ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା ପ୍ରକାଶ ପରିଡାଙ୍କ ସହ ସାକ୍ଷାତକାର ପ୍ରକାଶ ପାଇଛି ।

'କବିତା' କ୍ରମରେ କବି ସଦାଶିବ ଦାଶ, ଭଗବାନ ଜୟସିଂହ, ଆଶୁତୋଷ ପରିଡା, ଚକ୍ରପାଣି ପରିଛା, ସେନାପତି ପ୍ରଦ୍ୟୁମ୍ନ କେଶରୀ, ହରିଶ୍ଚନ୍ଦ୍ର ବେହରା, ରକ୍ଷକ ନାୟକ, ପୂର୍ଣ୍ଣ ଦାଶ, ହେମନ୍ତ କୁମାର ରାଉତ, ଯୋଗେନ୍ଦ୍ର କୁମାର ନାୟକ, ଅକ୍ଷୟ ବେହେରା, ଦିଲ୍ଲୀପ କୁମାର ସ୍ୱାଇଁ, ରବି ଶତପଥୀ, ସରୋଜ ବଳ, ବୃନ୍ଦାବନ ଦାସ, ପ୍ରେମାନନ୍ଦ ଖଣ୍ଡୁଆଳ, ଖଗେଶ୍ୱର ମହାନ୍ତି, ପିନାକୀ ମିଶ୍ର, କେ. ବିପ୍ଳବ, ରଜୀତ ଦାସ, ସୁଶୀଲ କୁମାର ପାଣିଗ୍ରାହୀ, ପ୍ର. ଶ୍ରୀଧର ସାମଲ, ନୃସିଂହ ତରାଇ, ସିଦ୍ଧେଶ୍ୱର ପଣ୍ଡା, ଶ୍ରୀହରି ଧଳ, ପ୍ରଶାନ୍ତ ମହାନ୍ତି, ଗଜାନନ ମିଶ୍ର, ଦୁର୍ଗାଚରଣ ଷଡଙ୍ଗୀ, ମାତୃପ୍ରସାଦ ଶତ୍ରୁଜିତ୍, ମନୋଜ ନାୟକ, ହଂସନାଥ ମୁଦୁଲି, ଜୟଶ୍ରୀ ନନ୍ଦ, ଆରାଧନା ଦାଶ, ଅନସୂୟା ପଣ୍ଡା, ନିରୂପମା ପତି, ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ପଲ୍ଲବୀ ଦାସ, ଗୋଲାପ ରାଉତଙ୍କ ସମେତ ବହୁ କବିଙ୍କ କବିତା ସ୍ଥାନିତ ହୋଇଛି । ଏତଦ୍‌ବ୍ୟତୀତ ଗୀତି କବିତା, ସନେଟ ଓ ଗଜଲ, ଶିଶୁଗଳ୍ପ, ସମୀକ୍ଷା ବିଭାଗରେ ବହୁ ନାମୀ କବି ଲେଖକଙ୍କ ଲେଖା ସ୍ଥାନିତ ହୋଇଛି ।

ମୋଟାମୋଟି ଭାବରେ କହିବାକୁ ଗଲେ ସୁନିର୍ବାଚିତ ଲେଖା, ପରିଚ୍ଛନ୍ନ ପରିପାଟୀକୁ ନେଇ ସମୃଦ୍ଧ ହୋଇଛି 'ସାହିତ୍ୟର ସ୍ୱର'ର ଶାରଦୀୟ ସଂଖ୍ୟା । ଏହା ପାଠକ ମହଲରେ ନିଶ୍ଚିତ ଆଦୃତି ଲାଭ କରିବାର ଅପେକ୍ଷା ରଖେ । ❤

ସମୀକ୍ଷା :
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୯ ନଭେମ୍ବର ୨୦୨୫
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



# ମଧୁରୋକ୍ତି...( ୫ )



♥ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ଛୁଆ ଦିନରୁ କାଖେଇ କୋଳେଇ ତୁମକୁ ଅତି ଭଲ ପାଉଥିବା ମା କୈକେୟୀ କେବେ ମଧ ତୁମକୁ ନିଜ ଗର୍ଭରୁ ଜନ୍ମ ଦେଇନଥିଲେ ବୋଲି ମନେ କରି ନଥିଲେ।ତୁମର ଅଭିଷେକ ଖବର ଶୁଣି ସେ ଅତ୍ୟନ୍ତ ପ୍ରୀତ ହୋଇ ଯାଇଥିଲେ। ଆଉ ନିଜ ଖୁସିକୁ ବଖାଣି ବସିଥିଲେ ନିଜ ପ୍ରିୟ ଦାସୀ ମନ୍ଥରା ଆଗରେ...!!

ପୁରାଣ କୁହେ ବିଗତ ଜନ୍ମରେ ଜଣେ ଯକ୍ଷିଣି ଥିବା ମନ୍ଥରାର ଝିଅ ଓ ଜ୍ୱାଇଁ ମହାରାଜ କୈକେୟଙ୍କ ହାତରେ ମୃତ୍ୟୁ ବରଣ କରିଥିଲେ। ଅବଶ୍ୟ ମୃତ ଜ୍ୱାଇଁଙ୍କ ଶରୀର ଫେରେଇ ଦେଲେ ଯକ୍ଷିଣି ତାଙ୍କୁ ବଞ୍ଚେଇଦେବେ ବୋଲି ଗୁହାରି କରିଥିଲେ ମଧ ରାଜା ସେକଥା ନଶୁଣି ତାଙ୍କ ଝିଅକୁ ମଧ ମୃତ୍ୟୁଦଣ୍ଡ ଦେଇ ଦେଇଥିଲେ। ଆଉ ପ୍ରତିଶୋଧ ନେବା ପାଇଁ ସେହି ଯକ୍ଷିଣି ମହାରାଜଙ୍କ ଉଆସରେ ଦାସୀ ମନ୍ଥରା ହୋଇ ରହିଥିଲା ଏବଂ ରାଣୀ କୈକେୟୀଙ୍କ ପ୍ରୀୟଭାଜନ ହୋଇ ପାରିଥିଲା। କୌଣସି କାରଣରୁ କିଛି ବି କାରଣ କେହି ବି ହୋଇ ପାରେନା ପ୍ରଭୁ...କାରଣ ଏବଂ କାରକ କେବଳ ତୁମେ ହିଁ ହୋଇପାର। ଏଥିରେ ଦ୍ୱିମତ ନାହିଁ। ଜନ୍ମ ଜନ୍ମାନ୍ତରର ହିସାବ ହେଉ କିମ୍ବା କର୍ତ୍ତବ୍ୟ କର୍ମର ଯୋଗାଯୋଗ...ସବୁକିଛି କେବଳ ତୁମ ଲୀଳାର ଅଧୀନ, ଅଂଶବିଶେଷ। ହେ ପ୍ରଭୁ ଶ୍ରୀରାମ... ଜଗତ କଲ୍ୟାଣ ପାଇଁ...ଧର୍ମର ପୁନରୁଦ୍ଧାର ପାଇଁ ତୁମ ସଂରଚିତ ଏହି ଦିବ୍ୟଲୀଳା ଜନ ମାନସ ପଟରେ ଅନେକ ନୂତନ ଚିତ୍ର ଆଙ୍କି ଚାଲିଥିଲା। ଯାହାର ସାକ୍ଷୀ ହୋଇ ଇତିହାସ ତୁମକୁ ଶତ ପ୍ରଣାମ କରି ସମୟ ଅନୁସାରେ ଆଗେଇ ଚାଲିଥିଲା...!!

ମହାରାଜ ଦଶରଥ ଅତ୍ୟନ୍ତ ପ୍ରସନ୍ନ ଥିଲେ। ନିଜ ଭବିଷ୍ୟତ ସୁରକ୍ଷିତ ଦେଖି କେଉଁ ପିତା ଖୁସି ହେବନି ଯେ...?? ଅଯୋଧ୍ୟା ପ୍ରଜାଙ୍କ ପାଇଁ ଏକ ଉନ୍ନତ ଭବିଷ୍ୟ ତୁମର କରକମଳ ମଧ୍ୟରେ ଦେଖି ସେ ଆନନ୍ଦିତ ହେଉଥିଲେ । ଜଣେ ରାଜା ହିସାବରେ ନିଜର ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ ଦାୟୀତ୍ୱ ସୂଚାରୁ ରୂପେ ସଂପାଦନ କରି ପାରିବା ସନ୍ତୋଷ କିନ୍ତୁ ଅଧିକ ସମୟ ରହି ପାରିଲାନି...!!

ନିଜ ସନ୍ତାନମାନଙ୍କର ମୃତ୍ୟୁର ପ୍ରତିଶୋଧ ନେବାକୁ ପ୍ରତିଜ୍ଞା କରିଥିବା ମନ୍ଥରା ହଠାତ ଦୁଃଖୀ ହୋଇ ଭର୍ତ୍ସନା କରିବାକୁ ଆରମ୍ଭ କରି ଦେଇଥିଲା ମହାରାଣୀ କୈକେୟୀଙ୍କୁ...!! ନିଜ ଗର୍ଭରୁ ଜନ୍ମ ଦେଇଥିବା ଭରତ ଯେ ତୁମଠାରୁ କୌଣସି ଗୁଣରେ କମ୍ ନୁହନ୍ତି ଆଉ ତୁମ ଅପେକ୍ଷା ସେ ଅଯୋଧ୍ୟା ଭବିଷ୍ୟତର ସର୍ବାଦୌ ଯୋଗ୍ୟ ରାଜା ଅଟନ୍ତି ଏହି କଥା ବାରମ୍ବାର ସେ କହି ଚାଲିଥିଲା। ଶେଷରେ ନିଜର ସବୁଠାରୁ ବଡ ଅସ୍ତ୍ର ପ୍ରୟୋଗ କରି କହିଥିଲା ଯେ ଯେତେବେଳେ ତୁମକୁ ଜନ୍ମ ଦେଇଥିବା ମାତା କୌଶଲ୍ୟା ରାଜମାତା ବୋଲି କୁହେଇବେ; ସେତେବେଳେ କୈକେୟୀ କେବଳ ଜଣେ ସାମାନ୍ୟ ରାଣୀ ହୋଇ ଆଉ ରହିବେନି ଅପିତୁ ଏକ ଦାସୀ ପରି ରହିଯିବେ। ନାରୀ ମନର ସୁପ୍ତ ସ୍ୱପ୍ନକୁ ପଢ଼ି ପକାଇଥିବା ଏହି କୁଚକ୍ରୀର ବିଷ ବଳୟ ଭିତରୁ ନିଜକୁ ମୁକୁଳେଇବା କୈକେୟୀଙ୍କ ପକ୍ଷରେ ସମ୍ଭବ ହୋଇ ନଥିଲା। କିଛି କ୍ଷଣ ପାଇଁ ସତରେ ବୁଦ୍ଧି ଲୋପ ହୋଇ ଯାଇଥିଲା କି ...!!?? ନା ସମୟର ରୂପରେଖ ପରିବର୍ତ୍ତନର କାରଣ ସେ ହେବେ ବୋଲି ସେଦିନ ଚୁପ୍ ହୋଇ ମନ୍ଥରା କଥା ମାନି ନେଇଥିଲେ ସେହି ଗୁଢ଼ ରହସ୍ୟ କେବଳ ତୁମେ ହିଁ ଜାଣିଛ ପ୍ରଭୁ...!!

ନିଜ ସନ୍ତାନଠାରୁ ଅଧିକ ଭଲ ପାଉଥିବା ମାତା କୈକେୟୀ ସେଦିନ ହଠାତ୍ ଭରତ ପାଇଁ ଚିନ୍ତିତ ହୋଇ ଯାଇଥିଲେ। ମନ୍ଥରା ଶିଖେଇ ଦେଇଥିଲା...କିପରି ତୁମକୁ ରାଜା ହେବାରୁ ରୋକା ଯାଇ ପାରିବ..!!ସେହି ଉପାୟ ଅବଲମ୍ବନ କରି ରାଣୀ କୈକେୟୀ କୋପ ଭବନରେ ନିଜକୁ ରୁଦ୍ଧ କରି ରଖିଦେଲେ। ମହାରାଜ ଏହି ବିଚିତ୍ର ବ୍ୟବହାରର କାରଣ ଜାଣି ନ ପାରି ବ୍ୟସ୍ତ ହୋଇ ପଡ଼ିଲେ। ବହୁତ୍ ପଚାରିବା ପରେ ରାଣୀ ତାଙ୍କୁ ମନ ପକେଇ ଦେଲେ ସେହି ଦୁଇଟି ବଚନ ବିଷୟ ଯାହା ଅନେକ ବର୍ଷ ପୂର୍ବେ ମହାରାଜ ଦଶରଥ ତାଙ୍କୁ ଦେଇଥିଲେ...!!

ବହୁ ବର୍ଷ ତଳେ ଦେବାସୁର ସଂଗ୍ରାମ ସମୟରେ ରାଣୀ କୈକେୟୀ ମହାରାଜ ଦଶରଥଙ୍କ ସହାୟତା ପାଇଁ ତାଙ୍କ ସହିତ ଉପସ୍ଥିତ ଥିଲେ।ସେତିକି ବେଳେ ଦଶରଥଙ୍କ ରଥର ଚକା ଭାଙ୍ଗି ଯିବାରୁ କୈକେୟୀ ସେହି ଅଖ ସ୍ଥାନରେ ନିଜ ଅଙ୍ଗୁଳି ଭର୍ତ୍ତି କରି ତାଙ୍କୁ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କରିଥିଲେ। ତତ୍ପରେ ଆହତ ମହାରାଜଙ୍କ ରଥର ସାରଥି ହୋଇ ତାଙ୍କୁ ବଞ୍ଚେଇବା ସହିତ ଯୁଦ୍ଧ ପରିଚାଳନା କାର୍ଯ୍ୟ ମଧ କରିଥିଲେ। କୈକେୟୀଙ୍କ ଏପରି ସେବା, ତ୍ୟାଗ ଦେଖି ମହାରାଜ ସେଦିନ ତାଙ୍କୁ ଦୁଇଟି ବର ମାଗିବାକୁ କହିଥିଲେ କିନ୍ତୁ କୈକେୟୀ ଆବଶ୍ୟକ ସମୟରେ ମାଗିନେବେ ବୋଲି କହି ଦେଇଥିଲେ...!!

କୈକେୟୀ ଏପରି କହିବା ଦେଖି ଦଶରଥ ଆଶ୍ଚର୍ଯ୍ୟ ହେଲେ। ଜୀବନଠାରୁ ଅଧିକ ଭଲ ପାଉଥିବା ପ୍ରିୟ ରାଣୀଙ୍କୁ ପୁଣି କିଛି ମାଗିବାକୁ ପଡ଼ିବ...!!?? ଆଉ ତାହା ପୁଣି ସେହି ସମୟରେ ଯେତେବେଳେ ଅଯୋଧ୍ୟା ନଗରୀ ବଧୂ ବେଶରେ ସଜେଇ ହୋଇ ରହିଛି ରାତି ପାହିଲେ ନିଜ ନୂଆ ରାଜାଙ୍କୁ ସ୍ୱାଗତ କରିବା ପାଇଁ...!!?? ଋଷିମୁନି ମାନଂକ ଗହଳ ଚହଳ ଅବଧପୁରୀକୁ କୋଳାହଳମୟ କରି ଦେଇଛି...!! ଆଉ ଏତିକି ବେଳେ ଏତେ ପୁରାତନ ବରଦାନ କଥା କୈକେୟୀ କଣ କହୁଛନ୍ତି...??

ତଥାପି ନିହାତି ସ୍ନେହଭରା ସ୍ୱରରେ ସେ ପଚାରିଲେ କଣ ଆବଶ୍ୟକ ଅଛି କୈକେୟୀଙ୍କର...!!?? କୋପ ଭବନରୁ ବାହାରି ଅପରୂପ ସୌନ୍ଦର୍ଯ୍ୟ ବିମଣ୍ଡିତା ହୋଇ କୈକେୟୀ ନିଜ ମନକଥା ଖୋଲି କହିଲେ...!!

ଦୁଇଟି ବର ଦେବାକୁ କଥା ଦେଇଥିଲେ ମହାରାଜ। ପ୍ରଥମ ବରରେ ସେ ମାଗିଲେ ଭରତଙ୍କ ରାଜ୍ୟାଭିଷେକ। ମହାରାଜ ଚକିତ ହୋଇଗଲେ। କିନ୍ତୁ ନିଜକୁ ସମ୍ଭାଳି ନେଲେ।ଯାହା ହେଲେ ମଧ କୈକେୟୀ ଭରତଙ୍କୁ ଜନ୍ମ ଦେଇଥିଲେ। ଆଉ ସେଇଥିପାଇଁ ଏହି ବର ମାଗିବା କଥାଟା ଅତି ଆଶ୍ଚର୍ଯ୍ୟକର ନୁହେଁ ବୋଲି ଚିନ୍ତା କରି ଦଶରଥ ଦ୍ୱିତୀୟ ବର ମାଗିବାକୁ ପରାମର୍ଶ ଦେଲେ। ଆଉ ଦ୍ୱିତୀୟ ବରରେ ସେ ମାଗି ବସିଲେ ତୁମର ଚଉଦ ବର୍ଷ ପାଇଁ ବନବାସ...!!

ଗଛରୁ ଡାଳଟିଏ ଖସି ପଡିଲା ପରି ହଠାତ୍ ଭୂମି ଉପରେ ପଡ଼ିଗଲେ ମହାରାଜ ଦଶରଥ।ବୁଝି ପାରୁ ନଥିଲେ ଏସବୁ କଣ ଘଟି ଯାଉଥିଲା ତାଙ୍କ ସହିତ...!!?? କେତେ ଚେଷ୍ଟା କଲେ ସେ କୈକେୟୀଙ୍କ ଏପରି ମନୋଭାବକୁ ବଦଳେଇବା ପାଇଁ...ତାଙ୍କୁ କେତେ ଅନୁନୟ ବିନୟ ହେଲେ। ଭରତ ରାଜା ହେବାରେ ତାଙ୍କର ତିଳେ ମାତ୍ର ଅବଶୋଷ କି ଅନୁଶୋଚନା ନଥିଲା।ବରଂ ସେ ଏହି କଥାକୁ ସଂପୂର୍ଣ୍ଣ ହାଲକା ଭାବେ ନେଇଥିଲେ। କିନ୍ତୁ ତୁମର ବନବାସ ଯିବା ପ୍ରସଙ୍ଗ ନେଇ ସେ ଜମାରୁ ନିଜକୁ ବୁଝେଇ ପାରୁ ନଥିଲେ। ବାରମ୍ବାର ନିଜକୁ ଦୋଷୀ ମନେ କରୁଥିଲେ। କାହିଁକି ସେ ବରଦାନର ବଚନ ଦେଇଥିଲେ ବୋଲି ନିଜକୁ ଦୋଷୀ ମନେ କରୁଥିଲେ। ପଦିଏ କଥା କହିବାର ଶକ୍ତି ତାଙ୍କ ପାଖରେ ଆଉ ନଥିଲା। ଦୁଃଖ ସମ୍ଭାଳି ନ ପାରି ସେ କେବଳ ବିକଳ ହୋଇ ତୁମ ନାମ ଲଗାତାର ନେବାକୁ ଲାଗିଥିଲେ। ରହି ରହି ଶ୍ରବଣକୁମାରଙ୍କ ମାତାପିତା ଦେଇଥିବା ଅଭିଶାପ କଥା ମନେ ପକେଇ ଦୂର୍ବଳରୁ ଅତି ଦୁର୍ବଳ ହେବାରେ ଲାଗିଥିଲେ।

ପିତାଙ୍କ ସତ୍ୟ ବଚନ ଯୋଗୁଁ କୈକେୟୀଙ୍କ ବରଦାନ ପ୍ରାପ୍ତି କଥା ଶୁଣି ତୁମେ ଅବିଚଳିତ ରହିଥିଲ ଏବଂ ତତକ୍ଷଣାତ୍ ଦୁଇଟି ଯାକ ସର୍ତ୍ତ ପାଳନ କରିବାକୁ ଆଗେଇ ଆସିଲ। କ୍ଷୀଣ କଣ୍ଠରେ ଦଶରଥ କହିବା ପାଇଁ ଚେଷ୍ଟା କରୁଥିଲେ...ତାଙ୍କ ବଚନ ବରଂ ଭଙ୍ଗ ହେଉ କିନ୍ତୁ ତୁମେ ଯେପରି ଏହି ସର୍ତ୍ତର ଗହ୍ୱର ଭିତରେ ନ ପଡ଼ିଯାଅ...!! କିନ୍ତୁ ରଘୁକୁଳର ଗର୍ବ ଗୌରବର ଗାଥା ବଚନ ପାଳନ ସହିତ ହିଁ ସର୍ବଦା ଆଗକୁ ବଢିଥିଲା। ଆଉ ତୁମେ ନିଜ ପିତାଙ୍କ ସତ୍ୟ ଭଙ୍ଗର କାରଣ କିପରି ହୋଇଥାନ୍ତ..!!??ତୁମେ ତ ସତ୍ୟସନ୍ଧ...ତୁମେ ତ କରୁଣା ସାଗର...ଆଉ ତୁମକୁ କଣ କେବେ ମଧ ରାଜ୍ୟ ଲାଭ କରିବା ଲାଳସା ଥିଲା କି? ଯିଏ ସଚରାଚର ବିଶ୍ୱର ଅଧୀଶ୍ୱର; ତାଙ୍କୁ କଣ ଗୋଟିଏ ରାଜ ସିଂହାସନ ବାନ୍ଧି ରଖି ପାରିଥାନ୍ତା କି? ବରଂ ସଂସାରରେ ଧର୍ମର ରକ୍ଷା କରିବା ପାଇଁ ତୁମର ବନବାସ ନିତାନ୍ତ ଆବଶ୍ୟକ ଥିଲା। ଆଉ କେବଳ ସେଇଥିପାଇଁ ତୁମେ ହସି ହସି ବନକୁ ଯିବାପାଇଁ ବାହାରି ଯାଇଥିଲ।

କିନ୍ତୁ ବଣକୁ ଯିବା ନିଷ୍ପତ୍ତିଟା ଜମାରୁ ସହଜ ନଥିଲା। କୌଶଲ୍ୟା ଏବଂ ସୁମିତ୍ରା ମାତା ଜାଣି ନଥିଲେ କୌଣସି ବିଷୟରେ। ସେମାନଙ୍କୁ ଏହି କଟୁସତ୍ୟ ଜଣେଇବା ମଧ ଅତ୍ୟନ୍ତ ଆବଶ୍ୟକ ଥିଲା। ଆଉ ମାତା ସୀତା...!! ସେ ମଧ ସଂପୂର୍ଣ୍ଣ ଘଟଣା ବିଷୟରେ କିଛି ଜାଣି ନଥିଲେ...!! ତୁମକୁ ଜନ୍ମ ଦେଇଥିବା ମହାନ୍ ମାତା ଦେବୀ କୌଶଲ୍ୟା ଏକ ରକମ ମୂକ ପାଲଟି ଗଲେ। ସେ ନିଜ ପତିଙ୍କ ସତ୍ୟରକ୍ଷା ସପକ୍ଷରେ ଯଦି କହିଲେ ହେଲେ ପୁତ୍ର ବଣକୁ ଯିବ ଆଉ ପୁତ୍ର ସପକ୍ଷରେ ଯଦି କିଛି କହିଲେ ତେବେ ପତିଙ୍କର ବଚନ ଭଙ୍ଗ ହେବ। ଭାଗ୍ୟ ତାଙ୍କୁ ଯେଉଁ ଦୋଛକିରେ ପକେଇ ଦେଇଥିଲା ତାହା ସେ ବୁଝିବାକୁ ହୁଏତ ସକ୍ଷମ ହେଉ ନଥିଲେ।

ଠିକ୍ ଏତିକିବେଳେ ତୁମେ ସୀତା ମାତାଙ୍କଠାରୁ ବିଦାୟ ନେବା ପାଇଁ ଆସିଥିଲ। ନିଜ ପିତାଙ୍କ ସତ୍ୟରକ୍ଷା ଏକ ପୁତ୍ର ହିସାବରେ ତୁମର ପ୍ରଥମ କର୍ତ୍ତବ୍ୟ ଥିବା କଥା ଦର୍ଶେଇ ତୁମେ ସେହି ପିତୃଋଣ ପରିଶୋଧ କରିବା କଥା ତାଙ୍କୁ ଜଣେଇ ଥିଲ।ଘରର ବଡ ବୋହୂ ହେବା ଯୋଗୁଁ ପରିବାରର ମାନ ଏବଂ ଗୁରୁଜନଙ୍କ ଦାୟୀତ୍ୱଭାର ନେଇ ସେ ଅଯୋଧ୍ୟାରେ ରୁହନ୍ତୁ ବୋଲି ତୁମେ ଆଗ୍ରହ କରିଥିଲ। ଅବଶ୍ୟ ସେ ଚାହିଁଲେ ତାଙ୍କୁ ପିତ୍ରାଳୟ ପ୍ରସ୍ଥାନ କରେଇବା ପାଇଁ ମଧ ତୁମେ ଆଗ୍ରହ କରିଥିଲ। କିନ୍ତୁ ମାତା ସୀତା ଯେତେବେଳେ ନିଜ ମନକଥା କହିଲେ ତୁମେ ସେତେବେଳେ ଚୁପ୍ ହୋଇଯାଇଥିଲ।

(ଆରଥରକୁ)

♥ ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭

# ହେ ପ୍ରଭୁ ! ଏ ସଂସାର ଜ୍ୱାଳାରୁ ମୁକ୍ତିଦିଅ !



## ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)

ଆମ ସଂସ୍କୃତିରେ ସବୁକିଛିର ମୂଲ୍ୟ ଚିହ୍ନିତ ହୋଇସାରିଛି। ଆମମାନଙ୍କୁ କେବଳ ସେ ବିଷୟଗୁଡ଼ିକକୁ ଅଧ୍ୟୟନ କରିପାରିଲେ, ଆମେ ସେସବୁ ବିଷୟରେ ଜ୍ଞାନ ଅର୍ଜନ କରିପାରିବା । ଏ ମର୍ତ୍ତ୍ୟପୁରରେ ଯେକୌଣସି ଜୀବ ଭୂମିଷ୍ଠ ହେବାପରେ ତାକୁ ବିଶେଷରେ ସମୟ ଲାଗେ ନିଜକୁ ସମର୍ଥ ତଥା ପାରଙ୍ଗମ ହେବାକୁ। ବାଲ୍ୟ ଅବସ୍ଥାରେ ନିଜର ପରିବେଶ, ପିତା, ମାତା ଓ ଅନ୍ୟ କଲ୍ୟାଣକାରୀ ବନ୍ଧୁବର୍ଗଙ୍କର ସହାୟତା, ଲାଳନ, ପାଳନରେ ବଢ଼ିବାକୁ ହୁଏ । କାହା ଜୀବନ କିଭଳି ଗତିକରେ ସେ କଥା କହିବା ମନୁଷ୍ୟର ଜ୍ଞାନ ଗରିମା ତାକୁ ଆଗରୁ ଠଉରେଇବା ସମ୍ଭବ ହେଇପାରେନି। ଏଇଥିପାଇଁ ଏ ବିଶ୍ୱର କେହି ଜଣେ ସ୍ରଷ୍ଟା ଅଛନ୍ତି ଓ ତାଙ୍କରି ଦ୍ୱାରା ଏ ସଂସାର ପରିଚାଳିତ ବୋଲି ଭାବିବାକୁ ହୁଏ । ଯାହାକୁ ଭଗବତ୍ ବିଶ୍ୱାସ କୁହାଯାଏ । ଭଗବତ୍ ବିଶ୍ୱାସ କହିଲେ, ଏ ସୃଷ୍ଟିର ସର୍ବମୟ କର୍ତ୍ତା, ଯାହାରି ଇଚ୍ଛାରେ ତାଙ୍କ ସୃଷ୍ଟ ଏ ଜଡ଼ଜୀବ, ଆକାଶ ପାତାଳର ପାରାବାର ପରିଚାଳିତ ହୋଇଥାଏ, ତାଙ୍କୁ ହିଁ ବୁଝାଏ । ଏ ସଂସାରରେ ବହୁ ଜଡ଼ଜୀବ ଭଳି ପଦାର୍ଥ, ଅପଦାର୍ଥ ମାନ ରହିଛନ୍ତି । ଆମ ପୂର୍ବଜ ମୁନିଋଷିମାନେ ସେ ସବୁ ମଧ୍ୟରେ ସେହି ସୃଷ୍ଟିକର୍ତ୍ତାଙ୍କୁ ଉପଲବ୍ଧ କରିବା ବୋଧଜ୍ଞାନକୁ ଈଶ୍ୱର ବିଶ୍ୱାସ କହିଥାନ୍ତି । ଏଭଳି ଭାବନାକୁ ନିଜ ମଧ୍ୟରେ ଜନ୍ମାଇ ପାରିଲେ ଜୀବନ କୌଣସିକାଳେ ଦୁର୍ବିସହ ନହୋଇ ଏହି ଦୁଃସହ ଜୀବନଜଞ୍ଜାଳ ଆପଣାଛାଏଁ ସୁମଧୁର, ସହଜ ହେବା ସହ ସେହି ଭଗବାନ ବିଷ୍ଣୁ ନାରାୟଣଙ୍କୁ ପ୍ରାପ୍ତ କରିବା ଅତିଟା ସହଜସାଧ ସମଗ୍ର ଜୀବନର ତୃପ୍ତି ଓ ଶାନ୍ତିର ପ୍ରାପ୍ତି ଘଟିଥାଏ । ପୁନଶ୍ଚ ଏ ଜୀବନର ଅନ୍ତ ତଥା ଜୀବସତ୍ତାର ବିଦାୟ ପରେ ପରମାତ୍ମା ଭଗବାନଙ୍କ ଆଶ୍ରୟରେ ମୋକ୍ଷତା ଲାଭ କରେ । ଏସବୁ କର୍ମକାରଣର ବିଶ୍ୱାସକୁ ଆଗକୁ ନେବାରେ ମନୁଷ୍ୟ ଜୀବନ ଶ୍ରେଷ୍ଠତା ଲାଭ କରିଥାଏ । ପ୍ରତିଟି ଜୀବ ମଧ୍ୟରେ ନିଜକୁ ବଞ୍ଚାଇନେବା ପାଇଁ ବହୁ ଲକ୍ଷଣ, ଗୁଣ ଅବଗୁଣ ପ୍ରକୃତି ମଧ ଈଶ୍ୱର ପ୍ରଦତ୍ତ। ଏସବୁକୁ ନିଜର ଆବଶ୍ୟକତା ଅନୁଯାୟୀ ପୁଣି ଅନ୍ୟର ବଞ୍ଚିବାକୁ ଦୁଃସହ ନକରି ଶାନ୍ତିପ୍ରୀତିରେ ମାନବଜୀବନକୁ ଚଳାଇ ନେବାରେ ପାରଦର୍ଶିତା ଥାଏ । ତା'ନକରି କାମ, କ୍ରୋଧ, ଲୋଭ, ମୋହ, ମଦ, ମତ୍ତ, ଅହଂକାରର ଆତ୍ମସଂଯମତା ବିହୀନ ଜୀବନ ବିତେଇବା ଅଶେଷରେ ପାପ ଅର୍ଜନ କରିବା ହିଁ ସାର ହୁଏ । ଏଥିପାଇଁ ଆମ ସଂସ୍କୃତି, ପୁରାଣ ଶାସ୍ତ୍ର ମାନଙ୍କରେ ସଂଯମତାର ଆଚରଣ କରିବା ପାଇଁ ବେଦବାକ୍ୟ ମାନଙ୍କର ଉଲ୍ଲେଖ କରାଯାଇଛି। ସେସବୁର ଅଭ୍ୟାସ, ସାଧନ କରିପାରିଲେ ଜଣେ ମନୁଷ୍ୟ ଜନ୍ମପ୍ରାପ୍ତ କରିଥିବା ମଣିଷ ଶ୍ରେଷ୍ଠ ମନୁଷ୍ୟ ଜୀବନ ପ୍ରାପ୍ତ କରିବା ସମ୍ଭବ ହୋଇପାରିବା, ଜୀବନର ମୁଖ୍ୟଧେୟ ହେବା ଆବଶ୍ୟକ ଯେ, ନିଜକୁ ବଞ୍ଚାଇବା ଆଳରେ ଅନ୍ୟକୁ କୌଣସି ଆଳରେ ଟିକିଏ ବି ଆଘାତ ନ ପହୁଁଚେ ଯେମିତି । ସ୍ୱୟଂ ଭଗବାନ ହେଉଛନ୍ତି ବ୍ରହ୍ମ । ସେହି ବ୍ରହ୍ମାତ୍ମା ହେଉଛନ୍ତି ସବୁ ଆତ୍ମାର ଅଧୀଶ୍ୱର। ସେହିଁ ପରମାତ୍ମା ଭାବରେ ବିଦିତ । ସୃଷ୍ଟି ସର୍ଜନା ରୂପକ ଗ୍ରନ୍ଥମାନଙ୍କରେ ଏହି ଜୀବାତ୍ମା ପରମାତ୍ମାଙ୍କ ବିଷୟରେ ବହୁଳ ଉଲ୍ଲେଖ ଅଛି । କୁହାଯାଇଛି- ଏ ସଂସାରର ସମସ୍ତ ଅଂଶ ଜୀବାତ୍ମା ଦ୍ୱାରା ଅଳଂକୃତ । ପ୍ରତିଟି ଜୀବସତ୍ତା ସେହି ପରମାତ୍ମାଙ୍କ ଅଂଶ ଭାବରେ ଏ ସୃଷ୍ଟିର ପରିବ୍ୟାପ୍ତ । ପ୍ରତିଟି ଶରୀରରେ ଏହି ଆତ୍ମପୁରୁଷ ଜୀବାତ୍ମା ଭାବରେ ବିରାଜିତ । ଏହି ଜୀବନରୂପକ ଆତ୍ମାର କୌଣସି ବେଳେ କ୍ଷୟ ହୋଇନଥାଏ । ବରଂ ଶରୀରଧାରୀ ମନୁଷ୍ୟର ଜୀବାତ୍ମା ନିଜ ଆଚାର, ବ୍ୟବହାର, ଗୁଣ, ଲକ୍ଷଣରେ ସଂସ୍କାରିତ ହୋଇ, ଏକ ଭଲଗୁଣ, ବିକଶିତ ଆତ୍ମାରେ (ଆତ୍ମଗୁଣ)ରେ ଭାବି ଜୀବନକ୍ରିୟାରେ ପରିଶୋଭିତ ହୋଇଥାଏ ।

ଏଣୁ ଆମ ମହାଜ୍ଞାନ ସୃଷ୍ଟି ଶାସ୍ତ୍ରଜ୍ଞାନରେ ସବୁବେଳେ ନିଃସ୍ୱାର୍ଥପର ଭାବରେ ଅନ୍ୟର ସେବା, ସହାନୁଭୂତି ଓ ଅନ୍ୟର କଲ୍ୟାଣ ବାଞ୍ଛନା କରିବାକୁ କୁହାଯାଇଛି । ଜଗତ କଲ୍ୟାଣ ହେଉଛି ନିଜ ବ୍ୟତୀତ ଅବା ନିଜର ତ୍ୟାଗପୂତ ଜୀବନ ଅତିବାହିତ କରି ଅନ୍ୟ ସମସ୍ତଙ୍କର କଲ୍ୟାଣ ତଥା ମଙ୍ଗଳ କାମନାର କର୍ତ୍ତବ୍ୟ ସାଧନାକୁ ପୁଣ୍ୟ ଅର୍ଜନର ପଥ ଭାବରେ ଗ୍ରହଣ କରାଯାଇଛି । କିନ୍ତୁ ଆଜିର ଏ ଦୁନିଆର ସ୍ୱଭାବ ହେଉଛି ସମ୍ପୂର୍ଣ୍ଣ ବିପରୀତ । ନିଜର ସ୍ୱାର୍ଥ ସାଧନ ହିଁ ଆଧୁନିକ ଦିବ୍ୟଜ୍ଞାନର ମନ୍ତ୍ର । ଏଥିରେ ଧର୍ମ, ପୁଣ୍ୟ ଅର୍ଜନର ମାତ୍ରା ରହିଲା କେଉଁଠି ? ହିଂସା, ଦ୍ୱେଷ, ପରଶ୍ରୀକାତରତାଦି ଅବିଗୁଣରେ ଏହି ନଶ୍ୱର ଆତ୍ମାର ଅଧୋଗତି ସିନା ହୁଏ, ଏଥିରେ ଆତ୍ମାର ଶୁଦ୍ଧତା ଆସେନାହିଁ ବରଂ ଭବିଷ୍ୟତ ଆତ୍ମା ପାପଗ୍ରସ୍ତ ହୋଇ ହୀନଯୋନୀ ପ୍ରାପ୍ତ ହୋଇଥାଏ ।

ଜୀବନାନୁଭବକୁ ସଂସ୍କାରିତ ତଥା ପରିମାର୍ଜିତ କରିବା ପାଇଁ ଆମ ଧର୍ମ ସଂସ୍କୃତିରେ ବହୁ ଶାସ୍ତ୍ରୀୟ ବିଧାନ ରହିଛି । ସେହିଥିରୁ ପ୍ରଥମ ଓ ଶ୍ରେଷ୍ଠ ଧର୍ମ ହେଲା ନିଜକୁ ଐଶ୍ୱରୀୟ ଚିନ୍ତନରେ ସମର୍ପିତ କରାଇ ନିଜର ସମସ୍ତ କର୍ମ, କରଣ ଓ କର୍ତ୍ତବ୍ୟକୁ ଭଗବାନଙ୍କଠାରେ ସମର୍ପିତ କରିନେବା । ବାଲ୍ୟ, କୈଶୋର, ଯୌବନ କାଳରେ ଆଧାତ୍ମିକତା ଯାହା ଇରାନୁଖୀ ପ୍ରାୟ ଅଧିକାଂଶଙ୍କ ଜୀବନରେ ସମ୍ଭବ ହୋଇନଥାଏ । ହସ, ଖେଳ, କଉତୁକରେ କାହିଁ କୁଆଡ଼େ ଏ ସମୟତକ ଜୀବନକୁ ଜୀବନ ବୋଲି ବୁଝିବା ଆଗରୁ ଆଖିପିଛୁଳାକେ ଭଳି ଉଭେଇଯାଏ। ଆଉ ରହିଲା ବଳକା ଜୀବନର କଥା । ପିଲାଛୁଆଙ୍କୁ ଠିକ୍ ମାର୍ଗଦର୍ଶନ କରାଇବାରେ, ନିଜ ଗୃହ ସଂସାର ଚଳାଇ ନେବାରେ, କାହିଁ କେତେ ଶ୍ରମ, କଷ୍ଟ ଉପଲବ୍ଧ କରିବାକୁ ହେଇଥାଏ । ଜୀବନ ଆସ୍ତେଆସ୍ତେ ଅପରାହ୍ନ ଆଡ଼କୁ ଗଡ଼ି ଆସିଲା ବେଳକୁ କ୍ରମେ ସଂସାର ମାୟାଜାଲରେ ଘେରି ହୋଇଥିବା ମଣିଷ ମଝିରେ ମଝିରେ କେଉଁଠି କେମିତି ଅଳ୍ପ ଅଳ୍ପ ସ୍ୱପ୍ନ ଭଳି ଦୃଶ୍ୟମାନ ହୋଇଥାଏ । ଆଉ ସବୁଠାରୁ ଅଧିକା ପ୍ରତୀତ କରାଇଦିଏ ଆଖି ଆଗରେ ମିଳିମିଶି ଦୀର୍ଘ ସମୟ ଧରି କାଳକାଟି ଆସିଥିବା ସାହିପଡ଼ୋଶୀ, ବନ୍ଧୁବାନ୍ଧବ, କୁଳକୁଟୁମ୍ବଙ୍କ ମୃତ୍ୟୁ ସମ୍ବାଦ । ଶବହୋଇ ଶ୍ମଶାନକୁ ବୁହାଯାଉଥିବା ଜୀବନ ସବୁକୁ । ଆଖି ତରାଟି ହେଇଯାଏ – ଏ ଜୀବନ ସବୁର ଅନ୍ତର୍ହିତ ସମୟ କାଳସବୁର କରାଳ ଗତିକୁ ନିରୀକ୍ଷଣ କରି କରି । ଶ୍ମଶାନ ଘାଟର ଶବ ଦହନ ସରିଲା ପରେ ଶବବାହକମାନେ ଫେରୁଥାନ୍ତି ନିଜନିଜର ମାୟାର ବଳୟ ସଂସାର ମଧ୍ୟକୁ। ସମ୍ପର୍କ ଓ ଶ୍ରଦ୍ଧାର ଆନୁପାତିକ ଭଲ ପାଇବାର ଗଣତିରେ କିଛିଦିନ ମନେ ରହନ୍ତି ଏହି ବିଦାୟ ନେଇଥିବା ବ୍ୟକ୍ତି ଜଣକ। ତତ୍ପରେ ଠିକ୍ଠାକ ଭାବରେ ସୃଷ୍ଟିଚାଳେ ପୁଣି ମାୟା ମୋହର ବନ୍ଧନ ମଧ୍ୟରେ । ବୟସ ବୃଦ୍ଧିର ଉପରାନ୍ତେ ସ୍ପଷ୍ଟ ହେଇ ହେଇ ଆସେ ଏ କ୍ଷଣସ୍ଥାୟୀ ଅକାଳକାଳୀନ ଜୀବନର ଲକ୍ଷ୍ୟ। ସଂସାରୀ ମଣିଷଟି ଏ କାଳରେ ଅଣନିଶ୍ୱାସୀ ହୋଇଉଠେ ନିଜ ଜୀବନର ବାକିଥିବା ସ୍ୱଳ୍ପ କାଳର କର୍ମ କର୍ତ୍ତବ୍ୟ ଓ ଭବିଷ୍ୟତକୁ ଭାବିଭାବି । କେଜାଣି କାହିଁକି ଏ ବେଳରେ ମହୌଷଧି ପାଲଟିଯାଏ ଭଗବତ ଚିନ୍ତନ, ନାମ ଜପ, ଚିନ୍ତା ଓ ଚିନ୍ତନ । ଅସାର ଏ ପୃଥିବୀ, ଏ ସଂସାରରେ ସାର ତତ୍ତ୍ୱର ନିଦାନ ଆସେ ସେହି ଅଲଭ୍ୟ ଆକୁଳିତ ପଦେ ବ୍ରହ୍ମଜ୍ଞାନ । ଅନୁଭବରେ ଆସେ ଏହି ସଂସାରର ମାୟା, ମୋହଗ୍ରସ୍ତ ଜୀବନ ଦଂଶନ, ହେଇ ଅଛି ହେଇ ନାହିଁର ବ୍ୟାକୁଳତା ମଧ୍ୟରେ ଏଯାବତ୍ ତିଷ୍ଠି ରହିଥିବା ଏ ଜୀବନର ଗୁଣ ଅପଗୁଣର ଏ ସର୍ବତ୍ରବ୍ୟାପୀ ଅଲକ୍ଷଣ ମାନ । ଆଗରୁ ପରିଲକ୍ଷିତ ହୋଇଥିବା ଆଉ ମନର ବଳ, ଶକ୍ତି, ସାମର୍ଥ୍ୟ ସବୁ କେମିତି ହୋଇଯାଏ ଉଭାନ । ମଣିଷ ଅବଶ୍ୟମ୍ଭାବୀ ମୃତ୍ୟୁକୁ ଅପେକ୍ଷା କରି କରି ସମୟ କାଟିବାକୁ ହେଇଥାଏ ଆଉ ସମ୍ଭବ କଷ୍ଟ ଅର୍ପଣ କରିଚାଲିଥିବା ଅଲୋଡ଼ା ଓ ଅଦରକାରୀ ହେଇ କାଟିବାକୁ ହେଇଥାଏ ଆଉ ଅସମ୍ଭବ କଷ୍ଟ ଅର୍ପଣ କରିଚାଲିଥିବା ଅଲୋଡ଼ା ଓ ଅଦରକାରୀ ହେଇପଡିଥିବା ବୃଦ୍ଧଜନର ଅବ୍ୟବସ୍ଥିତ ସେହି ସଦା ବିକିର୍ତ୍ତିତ ସମ କଷ୍ଟଲବ୍ଧ ଅବଶିଷ୍ଟ ଜୀବନ ।

ଯୌବନଦୀପ୍ତ ମଣିଷର ମନକୁ କେ' କେଉଁଠି ସ୍ପର୍ଶ କରିପାରିଥାଏ । ଉଡୁଥାଏ ସେ ଆକାଶରେ ଆକାଶକୁ । ନିଜ ପକ୍ଷର ଏତେ ଉଡ଼ନ୍ତା ଶକ୍ତି ! ତାକୁ ବା କିଏ ଅଟକାଇପାରିବ ଏହି ନୀଳ ଆକାଶର ଉଡ଼ିବା ପଣକୁ । ସବୁ କୀଟ, ପତଙ୍ଗ, ଉଦ୍ଭିଦ, ପଶୁପକ୍ଷୀ, ମଣିଷଙ୍କ ଜୀବନରେ ଯୌବନର ଜୁଆର ଆଣିଦେଇଥାଏ ଏହି ଅସୀମ ଅମାପମାପ ଶକ୍ତିକୁ । ସମସ୍ତେ ସମାନ। କିନ୍ତୁ ଅପେକ୍ଷାରେ ରହି ଅନିଷାକର ତା'ପରର ପରିଣତିକୁ । କିଏ କିଭଳି ଜୀବନ କାଟେ, ଅତିବାହିତ କରେ ଏ ଜୀବନ ଯୌବନର ଜୁଆରିଆ ବିଘଟଣର ପରବର୍ତ୍ତୀ ଜୀବନ ପରମାୟୁକୁ । କୁଆଡ଼େ ଉଭାନ ହେଇଯାଏ ଏ ପକ୍ଷୀ ଡେଣାର ସବୁ ଶକ୍ତି । ନିଶକ୍ତ ଭାବରେ ଝୁଣ୍ଟି ଝୁଣ୍ଟି ମୁଖ ବ୍ୟାଦାନ କରି ପଡିଥାଏ ତଳ ଭୂଇଁର କର୍କଶ ମାଟିରେ। ଏତେ ସୁନ୍ଦର କରି ଗଢ଼ି ଉଠିଥିବା ସ୍ୱର୍ଣ୍ଣିମ ଶରୀର କେମିତି କ୍ଷତବିକ୍ଷତ ଅଙ୍ଗ ଭାବନାରେ ଧୂଳିଧୂସରିତ ହୋଇ ମୁହଁମାଡ଼ି ପଡ଼ିଛି । ବେଦନା ଦେଉଛି ଅନେକ । କଷ୍ଟ ଦେଉଛି ଅସମ୍ଭାଳ । ଲାଗୁଛି ଜୀବନ ଚାଲିଯାଆନ୍ତା କି ହେଲେ । କିନ୍ତୁ କିଛି ହେଉନି । ଅସହ୍ୟ କଷ୍ଟ ଜୀବନ ଯନ୍ତ୍ରଣା ଉପଲବ୍ଧ ହେଉଛି ବଞ୍ଚି ରହିବାର । ଏବେ ମନେ ପଡୁଛନ୍ତି ସେହି ଭାବଗ୍ରାହୀ ସର୍ବକରୁଣା ଦୟାର ଅବତାର ପରମାତ୍ମା ପ୍ରଭୁ ଜଗନ୍ନାଥଙ୍କୁ 'ହେ' ପ୍ରଭୁ ତ୍ରିଭୁବନ ଈଶ୍ୱର । ଏ କଷ୍ଟ ଦୁଃଖ ଜୀବନ ଜିଜ୍ଞାସାର ଦୁଃଖ, ମୋହ ମାୟାର ଜାଲରୁ ପାରିକର ହେ ପ୍ରଭୁ । କାହାକୁ କେତେ ନଦେଇଛ । କାହା ପାଇଁ କେତେ ନ କରିଛ। ଏବେ ମୋର ଏ ଜୀବନ ସଙ୍କଟରେ ସେହି ପ୍ରଭୁ ମହାବାହୁଙ୍କ କାଣିଚାଏ ଦୃଷ୍ଟି ମୋ ଆଡ଼କୁ ଆସୁ ପ୍ରଭୁ ! ମୋତେ ମୃତ୍ୟୁ ଦିଅ ପ୍ରଭୁ । ଏବଳା କାଳରେ ମୁଁ ପାଉଥିବା କଷ୍ଟରୁ ମୁକ୍ତି ହିଁ ଦେବ ମୋ ମୃତ୍ୟୁ । ସେହି ମୃତ୍ୟୁ ହିଁ ମୋତେ ସେ ଅଲଭ୍ୟ ଓ ଦୁର୍ଲଭ୍ୟ ମୋକ୍ଷତା ହିଁ ଜୀବନର କେବଳ ନୁହେଁ ଆମ ସମସ୍ତ ମନୁଷ୍ୟଙ୍କର ପରମେଶ୍ୱରଙ୍କ ପାଖରେ ଶେଷ ଇଚ୍ଛା ଓ ମାଗୁଣି ।

♥ ସଂସ୍କୃତି ସଦନ, ବୟାଳୀ, ମନ୍ତ୍ରଡ଼ି,
ମୋ: ୯୩୩୭୯୬୦୬୮୮



# ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି


**ଡ. ସାରଙ୍ଗଧର ତ୍ରିପାଠୀ**

## ୧୪ ଶରୀରକୁ ନିର୍ଯ୍ୟାତନା

ଉଦ୍ଦକଙ୍କୁ ତ୍ୟାଗ କଲାପରେ ତପସ୍ୱୀ ଗୌତମ ଏବଂ ତାଙ୍କର ପଞ୍ଚସଖା ପୂର୍ବପରି ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଘୂରିବୁଲିଲେ। ସେ ଉପବାସ ଜାରିରଖିଲେ ଯାହାକୁ ଜ୍ଞାନଅର୍ଜନ କରିବାର ସର୍ବୋତ୍ତମ ଉପାୟ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଉଥିଲା। ସେ ମଧ ଆରମ୍ଭରେ ଅଳ୍ପ କିଛି ଖାଦ୍ୟ ଗ୍ରହଣ କରୁଥିଲେ। ପରେ ଦିନକୁ ଥରେ ମାତ୍ର ଖାଦ୍ୟ ଗ୍ରହଣ କଲେ। ସେ ବୃକ୍ଷର ମୂଳ, ପତ୍ର ଏବଂ ବିଭିନ୍ନ ପ୍ରକାର ପତ୍ର ଓ ଫଳର ରସ ଖାଇଲେ। ଉପଯୁକ୍ତ ଖାଦ୍ୟ ଅଭାବରୁ ତାଙ୍କର ଶରୀର ଏତେ କ୍ଷୀଣ ହୋଇଗଲା ଯେ ତାଙ୍କ ଗୋଡ଼ଦ୍ୱୟ ବାଉଁଶକାଠି ପରି, ମେରୁହାଡ଼ ଦଉଡ଼ି ଖଣ୍ଡିଏ ପରି, ଛାତିର ପିଞ୍ଜରା ହାଡ଼ ଏକ ଘରର ଅସଂପୂର୍ଣ୍ଣ ଛାତ ପରି ଏବଂ ଆଖିଦ୍ୱୟ ଅନ୍ଧାର ରାତିର ଗଭୀର କୂପରେ ପଥର ଖଣ୍ଡେ ବୁଡ଼ିଯିବାପରି ହୋଇଯାଇଥିଲା। ତାଙ୍କର ଚର୍ମ ଏତେ ଶୁଷ୍କ ଓ କୁଞ୍ଚିତ ହୋଇଗଲା ଯେ ସେଥିରେ କେଶ ଗୁଡ଼ିକ ନିଖୋଜ ହୋଇଗଲା। ବାସ୍ତବରେ ସେ ଏକ ଜୀବନ୍ତ କଙ୍କାଳ ପରି ବୋଧ ହେଉଥିଲେ। ଅସ୍ଥି ଉପରେ କୌଣସି ମାଂସ ନଥିଲା। ସେ ଭୟଙ୍କର ଯନ୍ତ୍ରଣା ଓ କ୍ଷୁଧାରେ ପୀଡ଼ିତ ହେଲେ। ସେ ମନେକଲେ ଖୁସିର ଏକମାତ୍ର ଉପାୟ ହେଉଛି ବର୍ତ୍ତମାନ ସବୁଠାରୁ ଦୁଃଖୀ ହେବା। ସେ ଧ୍ୟାନ ଜାରିରଖିଲେ, ତଥାପି ସେ କୌଣସି ନୂଆକଥା ଜାଣିପାରିଲେ ନାହିଁ।

ନିଜର କାନ, ମୁଣ୍ଡ ଏବଂ ପୂରା ଶରୀରକୁ ଭୟଙ୍କର ଯନ୍ତ୍ରଣା ନହେବା ପର୍ଯ୍ୟନ୍ତ ଦୀର୍ଘ ସମୟ ଶ୍ୱାସରୋଧ କରି ସେ ଅନ୍ୟ ଏକ ଉପାୟରେ ଶରୀରକୁ ନିର୍ଯ୍ୟାତନା ଦେବାକୁ ଲାଗିଲେ। ତା'ପରେ ସେ ଏକାକୀ ରହିବା କିମ୍ବା ତାହାକୁ ଅଭ୍ୟାସ କରିବା ଆରମ୍ଭ କଲେ। ପୂର୍ଣ୍ଣିମା ଏବଂ ଅମାବାସ୍ୟା ରାତିରେ ସେ ଜଙ୍ଗଲ, ଶ୍ମଶାନ ଏବଂ ଅନ୍ୟ ନିର୍ଜନ ସ୍ଥାନମାନଙ୍କୁ ଧ୍ୟାନ କରିବାକୁ ଯାଉଥିଲେ। ସେ ପ୍ରଥମେ ପ୍ରଥମେ ଏହି ସ୍ଥାନମାନଙ୍କରେ ଭୟଭୀତ ହୋଇ ଯାଉଥିଲେ, ବିଶେଷ କରି ଯେତେବେଳେ ହିଂସ୍ର ଜନ୍ତୁମାନେ ଆସୁଥିଲେ। ମାତ୍ର ସେ କେବେହେଲେ ଏ ସ୍ଥାନଗୁଡ଼ିକରୁ ପଳାୟନ କରି ନଥିଲେ। ସେ ସାହସର ସହିତ ଏହିସବୁ ଭୟାନକ ସ୍ଥାନମାନଙ୍କରେ ସବୁବେଳେ ରହି ଧ୍ୟାନ ଜାରି ରଖିଥିଲେ।

ସେ ଏହି ଦିନମାନଙ୍କରେ ସବୁବେଳେ ମଶାଣି ଓ ଅଳିଆ ଗଦାରୁ ଛିଣ୍ଡା ଓ ଚିରା ମଇଳା ପୋଷାକକୁ ନେଇ ପିନ୍ଧୁଥିଲେ। ପ୍ରଚଣ୍ଡ ଗ୍ରୀଷ୍ମଦିନମାନଙ୍କରେ ସେ ରାତିରେ ଘରଭିତରେ ଏବଂ ଦିନରେ ପ୍ରଚଣ୍ଡ ସୂର୍ଯ୍ୟତାପ ତଳେ



ରହୁଥିଲେ। ଅତି ଶୀତଦିନର ମଧ୍ୟରାତ୍ରରେ ସେ ବରଫ ପରି ଶୀତଳ ଜଳରେ ଦୀର୍ଘସମୟ ବୁଡ଼ି ରହୁଥିଲେ। ଏହିପରି ସେ ନିଜ ଶରୀର ଓ ମନକୁ ପୂର୍ବାପେକ୍ଷା ଅଧିକରୁ ଅଧିକ ନିର୍ଯ୍ୟାତନା ଦେବାକୁ ଲାଗିଲେ।

ଦୀର୍ଘ ଛଅ ବର୍ଷ ଧରି ସେ ବହୁ କଷ୍ଟ ଯନ୍ତ୍ରଣା ସତ୍ତ୍ୱେ ଏହିପରି ଅଭ୍ୟାସମାନ ଜାରିରଖି କୌଣସି ଜିନିଷ ଖୋଜି ପାଇଲେନାହିଁ। ଶେଷରେ ସେ ଭାବିଲେ ଜ୍ଞାନପ୍ରାପ୍ତି ନିମନ୍ତେ ଏହା ପ୍ରକୃତ ପନ୍ଥା ନୁହେଁ। ଦିନେ ସେ ଉରୁବେଲା ନାମକ ସ୍ଥାନରେ ବେହୋସ ହୋଇଗଲେ। ପରେ ଏକ ଛେଳିଚରାଳି ଆସି ତାଙ୍କୁ କିଛି କ୍ଷୀର ଦେଲା ଏବଂ ତଦ୍ୱାରା ସେ ସାମାନ୍ୟ ସୁସ୍ଥ ଅନୁଭବ କଲେ। ଯଥାଶୀଘ୍ର ସେ କିଛି କ୍ଷୀର ଓ ଖାଦ୍ୟ ଗ୍ରହଣ କରି ଶରୀରକୁ ସବଳ କଲେ। ଯେତେବେଳେ ପଞ୍ଚସଖା ଦେଖିଲେ ଯେ ଗୌତମ ଆଉ ଉପବାସ କରୁନାହାନ୍ତି, ସେମାନେ ନିରାଶ ଅନୁଭବ କଲେ ଓ ତାଙ୍କୁ ଏକୁଟିଆ ଛାଡ଼ି ପଳାଇ ଗଲେ। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ଫିଆଟ ଲକ୍ସ ନୀଳଗିରି ଓ ଏଫ.ଏମ. ଆଲୁମିନି ତରଫରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ




ବାଲେଶ୍ୱର, ୮/୧୧ (ନି.ପ୍ର): **Fiat lux club** ନୀଳଗିରି ଓ ଏଫ୍ .ମ. ଆଲୁମିନି ମିଳିତ ଆନୁକୂଲ୍ୟରେ ନୀଳଗିରିର 'ବରିସାହି' କଲ୍ୟାଣ ମଣ୍ଡପରେ ଏକ ନିଶୁଳ୍କ ମେଗା ସ୍ୱାସ୍ଥ୍ୟମେଳାରେ ଆୟୋଜନ କରାଯାଇଥିଲା। ଏଇ ସଭାରେ **alumni** ର ସଭାପତି ଡ଼ା.ପ୍ରଭାତ ଚୌଧୁରୀ ପୌରୋହିତ୍ୟରେ **Fiat lux** ର ସଭାପତି ଶ୍ରୀଯୁକ୍ତ ସୁରଞ୍ଜନ ମହାପାତ୍ର,ସେକ୍ରେଟାରୀ ବିଜୟ ବିଶ୍ୱାଳ, ଡା.କିଶୋର କୁମାର ବେହେରା, ଡ଼ା.ବୁଦ୍ଧେଶ୍ୱର ମାଝୀ, ଡ଼ା.ପ୍ରମୋଦ ଟୁଡୁ, ଡ଼ା ତାରାକାନ୍ତ ନନ୍ଦ,ପୂର୍ବତନ ନୀଳଗିରି ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ। **Pathology Technician** ଯଥା ଶୁଭମ୍ ଖଣ୍ଡେଇ, ଚିରଞ୍ଜିବୀ ଦାସ,ସତିଶ ଜେନା,ରାମ କୃଷ୍ଣ ଦାସ,ଆଶ୍ୱିନ ଦାସ,ଶିବ ଦାସ,ବିଶ୍ୱଜିତ୍ ଦାସ ମହାପାତ୍ର,କିଶୋର ଦାସ ରଞ୍ଜୁ ବୋଷ ପ୍ରଭୃତି ଙ୍କ ଦ୍ୱାରା **Ecg, Diabetic, lipid profile, HB, VitaminD, BMD** ପ୍ରଭୃତି ଟେଷ୍ଟ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଥିଲା। ରିପୋର୍ଟ ଦେଖି **AIMS** ର ଡ଼ା.କିଶୋର କୁମାର ବେହେରା , **SUM hospital** ଡ଼ା. ବୁଧେଶ୍ୱର୍ ମାଝୀ, ଡ଼ା.ପ୍ରମୋଦ ଟୁଡୁ, **Alumni** ସଭାପତି ଡ଼ା.ପ୍ରଭାତ ଚୌଧୁରୀ ଓ ଡ଼ା.ତାରାକାନ୍ତ ନନ୍ଦ ପ୍ରମୁଖ ରୋଗୀ ମାନଙ୍କୁ ଔଷଧ ଲେଖି ନିୟମ ଅନୁସାରେ ଖାଇବାକୁ ପରାମର୍ଶ ଦେଇଥିଲେ। ଉଭୟ **Fiat lux** ଓ **alumni** ର ସଭ୍ୟସଭ୍ୟା ଯଥାକ୍ରମେ ସୁରଞ୍ଜନ୍ ମହାପାତ୍ର, ବିଜୟ ବିଶ୍ୱାଳ,ଦୀପ୍ତି କାନ୍ତ ପୃଷ୍ଟି,ସଞ୍ଜୀବ ମହାପାତ୍ର, ମନୋଜ ମହାନ୍ତି, ବିବେକ ସାହୁ, ଜିତେନ୍ଦ୍ର ରାଉତ, ମଧୁ ସୁଦନ ବେହେରା, ବିଷ୍ଣୁ ମହାନ୍ତି, ଲକ୍ଷ୍ମୀ ନାରାୟଣ ଘୋଷ, ରମାକାନ୍ତ ମହାନ୍ତି, ଅନସୂୟା ନାୟକ,ଅନିଲ ପଟ୍ଟନାୟକ,ଦେବାଶିଷ ପାଣି, ଶ୍ୟାମ ସୁନ୍ଦର ଜେନା,ପୀତାମ୍ବର ଦାସ,ରାମ ଚନ୍ଦ୍ର ସେଠୀ ,ପ୍ରମୁଖ ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା କରିଥିଲେ। ସଭା ଶେଷରେ ଅଲୁମ୍ନି ର ଆମୃତାଂଶୁ ପଟ୍ଟନାୟକ ଓ **Fiat club secretary** ବିଜୟ ବିଶ୍ୱାଳ ଧନ୍ୟବାଦ୍ ଦେଇଥିଲେ। ଏଥିରେ ୨୦୦ରୁ ଉର୍ଦ୍ଧ୍ବ ବ୍ୟକ୍ତିଙ୍କର ରିପୋର୍ଟ ପ୍ରଦାନ କରି ନିଶୁଳ୍କ ସେବା ଯୋଗାଇ ଦିଆଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସୂର୍ଯ୍ୟମନ୍ଦିର...

ନିୟୋଜିତ କରି ପର୍ଯ୍ୟଟକମାନଙ୍କ ଉପରକୁ ଯିବାକୁ ବାରଣ କରାଯାଉଥିବା ଦେଖାଯାଇଛି। ସୂଚନାଥାଉକି ସୂର୍ଯ୍ୟମନ୍ଦିରକୁ ପରିଦର୍ଶନରେ ଆସୁଥିବା ଦେଶବିଦେଶ ପର୍ଯ୍ୟଟକମାନେ ପ୍ରଥମେ ନାଟମଣ୍ଡପ ଉପର ଦେଇ ସିଡିରେ ଯାଇ ସୂର୍ଯ୍ୟଙ୍କ ଉଦୟ ସମୟର ପ୍ରଥମ କିରଣର ସ୍ପର୍ଶ କରିବାକୁ ଚାହିଁଥାନ୍ତି। ମୁଖ୍ୟ ମନ୍ଦିରରେ ଥିବା ଅଷ୍ଟଧାତୁ ସୂର୍ଯ୍ୟମୂର୍ତ୍ତି ଉପରେ ପଡ଼ିଥାଏ ବୋଲି ଐତିହାସିକ ତଥ୍ୟକୁ ନେଇ ପର୍ଯ୍ୟଟକଙ୍କୁ ପ୍ରଶିକ୍ଷିତ ଗାଇଡ୍ ବୁଲାଇ ଦେଖାଇ ବୁଝାଇ ଥାନ୍ତି। ଅନେକ ପର୍ଯ୍ୟଟକ ଏହି ନାଟମଣ୍ଡପ ଉପରେ ରହି ଅନେକ ସେଲଫି ନେବା ସହ ଫୋଟୋ ଉତ୍ତୋଳନ କରିଥାନ୍ତି। ନିକଟରୁ ବିଭିନ୍ନ କୀର୍ତ୍ତୀରାଜିକୁ ସ୍ପର୍ଶ କରି ସୂକ୍ଷ୍ମ କାରୁକାର୍ଯ୍ୟକୁ ମଧ୍ୟ ଦେଖିଥାନ୍ତି। ବିଭିନ୍ନ ସମୟରେ ପର୍ଯ୍ୟଟକମାନେ ନିଜର ଅସାବଧାନତାରୁ ସୁରକ୍ଷାବାଡ଼ ନଥିବାରୁ ନାଟମଣ୍ଡପ ସିଡ଼ିରୁ ପଡ଼ି ଗୁରୁତର ହେଇଥିବା ନଜିର ରହିଛି। ବାରମ୍ବାର ପର୍ଯ୍ୟଟକମାନେ ଏହି ନାଟମଣ୍ଡପ ଉପରୁ ପଡ଼ି ଗୁରୁତର ହେଉଥିବାରୁ ବାଧ ହୋଇ ଏଏସ୍ ?ଆଇ ବିଭାଗ ପକ୍ଷରୁ ପର୍ଯ୍ୟଟକମାନଙ୍କ ସୁରକ୍ଷାକୁ ନଜରରେ ରଖି ଶୁକ୍ରବାର ଠାରୁ ଅନିର୍ଦ୍ଧିଷ୍ଟ ଦିନ ପର୍ଯ୍ୟନ୍ତ କୌଣସି ପର୍ଯ୍ୟଟକଙ୍କୁ ଆଉ ନାଟମଣ୍ଡପ ଉପରକୁ ଯିବାକୁ ବାରଣ କରାଯାଇଛି। ପର୍ଯ୍ୟଟକମାନେ ତଳେ ରହି ନାଟ ମଣ୍ଡପର ଚତୁରପାର୍ଶ୍ୱ ବୁଲି ଦେଖିପାରିବେ ବୋଲି ଏଏସ୍ଆଇର ପୁରୀ ସର୍କଲ ସୁପେରିଟେଣ୍ଡେ ଡକ୍ଟର ଡିବି.ଗଡନାୟକ ପ୍ରକାଶ କରିଛନ୍ତି।

### ଶରଧାବାଲି ଦଳାଚକଟା ...

ଗୃହ ବିଭାଗର ଅତିରିକ୍ତ ସଚିବ ଡିଜି ଓ ଆଇଜି ପୋଲିସକୁ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଟେଣ୍ଡର ପାଇଥିବା କମ୍ପାନିକୁ କଳାତାଲିକାଭୁକ୍ତ କରିବାକୁ ରିପୋର୍ଟରେ କୁହାଯାଇଛି। ଦଳଚକଟାରେ ୩ ଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ଉନ୍ନୟନ କମିଶନ ଦେଇଥିବା ରିପୋର୍ଟରେ ପୁଲିସର ଅବହେଳା ସହ ଏଆଇ କାମ କରିନଥିବା ଦର୍ଶାଯାଇଛି। ଚଳିତ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବାକୁ ଏଆଇ ବ୍ୟବସ୍ଥା ଅଣାଯାଇଥିଲା। ଚାରିଆଡେ ସିସିଟିଭି ଲଗାଯିବା ସହ ପ୍ରତିଟି ଗତିବିଧି ଉପରେ ନଜର ରଖିବାକୁ ମନିଟରିଂ ରୁମ ରହିଥିଲା। ଏଥିପାଇଁ ୨୭୫ଟି ସିସିଟିଭି ଲାଗିଥିଲା। ହେଲେ ଅନେକ ସିସିଟିଭି ଫିଡ୍ ମିଳିନଥିଲା। ଭିଡ଼ ନିୟନ୍ତ୍ରଣ କ୍ଷେତ୍ରରେ ଏଆଇର ସେଭଳି ଭୂମିକା ଦେଖିବାକୁ ମିଳିନଥିଲା। ସୂଚନାଯୋଗ୍ୟ, ରଥଯାତ୍ରା-୨୦୨୫ ଅବସରରେ ଗତ ଜୁନ୍ ୨୯ ତାରିଖରେ ଶରଧାବାଲି ରଥ ସମ୍ମୁଖରେ ଦଳାଚକଟା ହୋଇଥିଲା। ଏହି ଘଟଣାରେ ୩ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ତଦନ୍ତ ରିପୋର୍ଟକୁ ଗତ ଜୁଲାଇ ୩୧ ତାରିଖ ଦିନ ଉନ୍ନୟନ କମିସନର ଅନୁ ଗର୍ଗ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରିଥିଲେ। ଏହି ଘଟଣାରେ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ପ୍ରଶାସନିକ ତଦନ୍ତ ଚାଲିଥିଲା। ମାସକ ମଧ୍ୟରେ ରିପୋର୍ଟ ଦେବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଶ୍ରୀମତୀ ଗର୍ଗ ଏକ ମାସ ଦୁଇ ଦିନରେ ରିପୋର୍ଟ ଦେଇଥିଲେ। ଏହି ଘଟଣା ପାଇଁ କିଏ ଦାୟୀ, ବ୍ୟବସ୍ଥାଗତ ବିଫଳତା, ଏହାକୁ କିପରି ଏଡ଼ାଯାଇପାରିଥାନ୍ତା, ଆଗାମୀ ଦିନରେ କିପରି ଏଭଳି ଅଘଟଣ ନ ଘଟିବ, ସେ ସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ ରିପୋର୍ଟରେ ଦର୍ଶାଯାଇଥିଲା। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶ୍ରୀମତୀ ଗର୍ଗ ପ୍ରାୟ ୨ ହଜାର ପୃଷ୍ଠାର ତଦନ୍ତ ରିପୋର୍ଟ ସହ ଏକ ସଂକ୍ଷିପ୍ତ ବିବରଣୀ ପୁସ୍ତିକା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିଲେ।

### ଟ୍ରମ୍ପଙ୍କ ଅଜବ ନିୟମ...

ଅନ୍ୟପକ୍ଷରେ ଏପରି ନିର୍ଦ୍ଦେଶନାମା ଟୁରିଷ୍ଟ କିମ୍ବା ଶିକ୍ଷାର୍ଥୀ ଭିସା ପାଇଁ ଆବେଦନ କରୁଥିବା ଲୋକଙ୍କ ଉପରେ ଲାଗୁ ହେବ କି ନାହିଁ ଜଣାପଡ଼ିନି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ଟେକ୍ନିକାଲୀ ଦେଖିଲେ ଏହା ପର୍ଯ୍ୟଟନ(ବି-୧/ବି-୨) ଓ ପାଠପଢ଼ା(ଏଫ୧) ଭିସା ଆବେଦନ ପାଇଁ ଲାଗୁ ହେବ। ବିଶେଷଜ୍ଞଙ୍କ କହିବା କଥା ଯେ ଟ୍ରମ୍ପ ପ୍ରଶାସନ ପ୍ରକୃତରେ ଆମେରିକାରେ ସ୍ଥାୟୀ ବସବାସ କରିବାକୁ ଚାହୁଁଥିବା ବିଦେଶୀ ନାଗରିକଙ୍କୁ ଦୃଷ୍ଟିରେ ରଖି ଏପରି ନିୟମ ପ୍ରଣୟନ କରିଛନ୍ତି।

### ୧୮ ଶହ କୋଟିର ପୁଣେ...

କହିବାକୁ ଗଲେ ଫାର୍ମର ସର୍ବେସର୍ବା ପାର୍ଥ ହୋଇଥିଲେ ମଧ୍ୟ ରେଜିଷ୍ଟ୍ରେସନରେ ଦିଗବିଜୟ ସ୍ୱାକ୍ଷର କରିଥିବାରୁ ତାଙ୍କ ବିରୋଧରେ ଏଫ୍ଆଇଆର୍ ହୋଇଛି । ଏଥିରୁ ବାପା ଅଜିତ ପାୱାରଙ୍କ ସଫେଇ ମିଛ ପ୍ରମାଣିତ ହୋଇଛି । ଏହାଛଡା ବାପା ଅଜିତଙ୍କ କହିବା ଅନୁସାରେ ଯଦି ଏହି ଜମି କିଣି ମାମଲାରେ କୌଣସି ନେଣଦେଣ ହୋଇନାହିଁ ତାହେଲେ ରାଜ୍ୟ ଷ୍ଟାମ୍ପ ଡ୍ୟୁଟି ଡିପାଟମେଣ୍ଟ କାହିଁକି ପାର୍ଥଙ୍କ ଫାର୍ମ ବିରୋଧରେ ୪୩କୋଟି ଟଙ୍କାର କ୍ଷତିପୂରଣ ନୋଟିସ ପଠାଇଛି ପୁଣେର ମୁନ୍ଦୱାର ଅଞ୍ଚଳରେ ଥିବା ପ୍ରାୟ ୧୮ ଶହ କୋଟି ଟଙ୍କାର ୪୦ଏକର ସରକାରୀ ଜମିକୁ ପାର୍ଥଙ୍କ ଫାର୍ମ ମାତ୍ର ୩ଶହ କୋଟି ଟଙ୍କାରେ କିଣିଥିବା ଅଭିଯୋଗ ହୋଇଛି । ଏଥିରେ ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେସନ ପାଇଁ ୫ଶହ ଟଙ୍କା ଖର୍ଚ୍ଚ ହୋଇଛି । ପୁଣେର ଜଣେ ସମାଜସେବୀ ଦିନାକର କୋଟକର ଏହି ଡିଲ ସମ୍ପର୍କରେ ରାଜ୍ୟ ଇନସ୍ପେକ୍ଟର ଜେନେରାଲ ଅଫ ରେଜିଷ୍ଟ୍ରାରଙ୍କୁ ଗତ ଜୁନ ମାସରେ ଜଣାଇଥିଲେ ମଧ୍ୟ କୌଣିସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା । ଏବେ ଏହି ଘଟଣା ଲୋକଲୋଚନକୁ ଆସିବା ପରେ ସେଠିକାର ତହସିଲଦାର ଓ ସବ ରେଜିଷ୍ଟ୍ରାରଙ୍କୁ ନିଲମ୍ବିତ କରାଯାଇଛି । ମାତ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ସଫେଇ ସତ୍ତ୍ୱେ ଆଗାମୀ ପୌର ନିର୍ବାଚନ ପରିପ୍ରେକ୍ଷିରେ ଏହି ପୁଣେ ଜମି କିଣା ସ୍କାମ୍ ଶାସକ ମହାଯୁତିକୁ ଅଡୁଆରେ ପକାଇବା ଆଶଙ୍କା ଅଛି ।

# ସଙ୍ଗୀତ କଳା ପରିଷଦ ପକ୍ଷରୁ ବାର୍ଷିକ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୮/୧୧ (ନି.ପ୍ର): ବାସୁଦେବପୁର ସଙ୍ଗୀତ କଳା ପରିଷଦ ପକ୍ଷରୁ ସ୍ଥାନୀୟ ଯାଦବ ପଡ଼ିଆ ବାଲି ନଗର ଠାରେ ଦୁଇ ଦିନିଆ ବାର୍ଷିକ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ ଦିନ ଉଦଘାଟନ ଦିବସରେ ସଭାପତିତ୍ୱ କରିଥିଲେ ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ। କଳା ସାହିତ୍ୟ ସଂସ୍କୃତି ସମ୍ପର୍କରେ ଗଭୀର ଆଲୋକପାତ କରିବା ସହିତ ସଙ୍ଗୀତ କଳା ପରିଷଦ ର ଉଦ୍ୟମକୁ ପ୍ରଶଂସା କରିଥିଲେ ଜିଲ୍ଲାପାଳ ଶ୍ରୀ ରାଉତରାୟ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ପୌର ପାଳିକାର ଅଧକ୍ଷା ନିବେଦିତା ବେହେରା, ଉପାଧକ୍ଷ ଉତ୍ତମ ବାରିକ୍। ଶିକ୍ଷାବିତ୍ ମାଧବ ପୁହାଣ, ଭଗୀରଥି ପଲାଇଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଦିନରେ ସଭାପତିତ୍ୱ କରିଥିଲେ କବି ବିକାଶ କୁମାର ଶତପଥୀ। ପୂର୍ବତନ ମନ୍ତ୍ରୀ ପଦ୍ମ ଲୋଚନ ପଣ୍ଡା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଯୁବ ବିଜେପି ନେତା ଉଦୟ ନାରାୟଣ ମଲ୍ଲିକ, ଜଗବନ୍ଧୁ ଦାସ ଓ ସୁବ୍ରତ କୁମାର ଧଳ। ଶରତ କୁମାର ଦାସ ଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆଡଭୋକେଟ ବିଜୟ କୁମାର ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶା ହାଇକୋର୍ଟର ପୂର୍ବତନ ସହ ସମ୍ପାଦକ ଦିଲ୍ଲୀପ କୁମାର ରାୟ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ସୁକନ୍ୟା ଚେରିଟେବୁଲ ଟ୍ରଷ୍ଟ ର ଟ୍ରଷ୍ଟି ସଞ୍ଜୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ଅଧକ୍ଷା ନିଳୀମା ରାୟ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ବାସୁଦେବପୁର ସଙ୍ଗୀତ କଳା ପରିଷଦର ପ୍ରତିଷ୍ଠାତା ରବୀନ୍ଦ୍ର କୁମାର ରାୟ ଙ୍କ ଫଟୋଚିତ୍ରରେ ସମସ୍ତେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ସୁନ୍ଦର ଓ ଆକର୍ଷଣୀୟ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନ ସାଧାରଣ ଯୋଗ ଦେଇଥିଲେ।

# ମାଗଣା ଚକ୍ଷୁଚିକିତ୍ସା କରିବାକୁ ଯାଇ ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ



ନୀଳଗିରି , ୮/୧୧ (ନି.ପ୍ର): ମାଗଣାରେ ଚକ୍ଷୁଚିକିତ୍ସା କରିବାକୁଯାଇ ଜଣେ ବୃଦ୍ଧଙ୍କ ମୃତ୍ୟୁକୁ ନେଇ ସନ୍ଦେହ ଦେଖାଯାଇଛି। ସୂଚନା ଅନୁଯାୟୀ ମାର୍କୋଣା ସ୍ଥିତ ଏକ ଚକ୍ଷୁଚିକିତ୍ସାଳୟର ଏକ ଚିକିତ୍ସକ ଟିମ ନୀଳଗିରି ସହରର ଗୁଡ଼ିଖାଣିଆ ବସ୍ତିରେ ଗୁରୁବାର ପ୍ରାୟ ୧୨ଟା ସମୟରେ ଘରକୁଘର ବୁଲି ବୃଦ୍ଧବୃଦ୍ଧା ମାନଙ୍କର ଚକ୍ଷୁପରୀକ୍ଷା କରିଥିଲେ। ତେବେ ଗୁଡ଼ିଖାଣିଆ ବସ୍ତିରେ ରହୁଥିବା ଟିଁଟି ମୁର୍ମୁ ନାମଙ୍କ ଜୈନିକ ବନ୍ଧୁଙ୍କ ଘରେ ବସିଥିବା ବସଷ୍ଟାଣ୍ଡ ନିକଟବର୍ତ୍ତୀ ବାଲିଗୋହିରୀ ଗ୍ରାମର ବାଣ୍ଟୁ ସିଂ (୬୩) ଏବଂ ତାଙ୍କ ସ୍ତ୍ରୀ ରାଧା ସିଂଙ୍କର ମଧ୍ୟ ଚକ୍ଷୁପରୀକ୍ଷା କରି ବାଣ୍ଟୁଁ ସିଂଙ୍କର ଆଖି ଖରାପଥିବାରୁ ତାଙ୍କୁ ମାଗଣାରେ ଚକ୍ଷୁପରୀକ୍ଷା କରିବା ପାଇଁ ପରାମର୍ଶ ଦେଇ ସେଠାରୁ ମାର୍କୋଣା ଆଇ ହସ୍ପିଟାଲ ଲେଖାଯାଇଥିବା ଏକ ଗାଡ଼ିରେ ନେଇଯାଇଥିଲେ। ତେବେ ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ସମୟରେ ମୁଣ୍ଡରେ ବ୍ୟାଣ୍ଡେଜ ବନ୍ଧାଯାଇ ଅବଚେତନ ଅବସ୍ଥାରେ ଏକ ଗାଡିରେ ଆଣି ଘରେ ଛାଡ଼ିଯାଇଥିଲେ। ଏବଂ ପାଇଖାନାରେ ପଡ଼ିଯାଇଥିବା କହି ପଳାଇ ଯାଇଥିଲେ। ତେବେ ଆଜି ଅପରାହ୍ନ ପ୍ରାୟ ୧ଟା ସମୟରେ ବାଣ୍ଟୁ ସିଂର ମୃତ୍ୟୁ ହୋଇଥିଲା। ତେବେ ବାଣ୍ଟୁ ର ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନଥିବା ବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି। ତେବେ ତାଙ୍କ ପରିବାର ଅତ୍ୟନ୍ତ ଗରୀବଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବୀହୋଇଛି।

# ଢ଼ିଙ୍କିଆରେ ଜେଏସଡବ୍ଲ୍ୟୁ ପ୍ରକଳ୍ପ ୟୁନିୟନକୁ ବିରୋଧ: ପୁଣି ଅଶାନ୍ତ ହେଲା ଢ଼ିଙ୍କିଆ

ପାରାଦ୍ୱୀପ , ୮/୧୧ (ନି.ପ୍ର): ଢ଼ିଙ୍କିଆରେ ପ୍ରସ୍ତାବିତ ଜେଏସଡବ୍ଲ୍ୟୁ ପ୍ରକଳ୍ପରେ କମ୍ପାନୀ କର୍ତ୍ତୃପକ୍ଷ ଏବେ ନିଜର ଅସଲି ଚେହେରା ଦେଖାଇବା ଆରମ୍ଭ କରିଛନ୍ତି ବୋଲି ଜମି ହାର ମାନେ ଅଭିଯୋଗ କରୁଛନ୍ତି । ଜମି ନେବା ବେଳେ ଗ୍ରାମବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ବଦଳରେ ୟୁନିୟନ ଜରିଆରେ କାମ କରିବା ଆରମ୍ଭ କଲେଣି। ଯାହାକୁ ନେଇ କୁହୁଳି ଥିବା ପୁଞ୍ଜି ଭୁତ ଅସନ୍ତୋଷ ଆଜି ଉଗ୍ର ରୁପ ଧାରଣ କରିଥଲା । ଗ୍ରାମବାସୀ ଏହାକୁ ବିରୋଧ କରିବା ସହିତ ଏକ ବିଶାଳ ରାଲିରେ ଶହ ଶହ ମହିଳା ଓ ପୁରୁଷ ସାମିଲ ହୋଇ କମ୍ପାନୀ ନିକଟରେ ଥିବା ଏକ ଶ୍ରମିକ ୟୁନିଅନକୁ ବନ୍ଦ କରିବା ସହିତ ଉକ୍ତ ୟୁନିୟନ ଘରେ ଥିବା ଚେୟାର ଓ ଟେବୁଲ କାଢ଼ି ଦେଇଛନ୍ତି । ସେମାନଙ୍କ ଦାବି ଅନୁସାରେ, କମ୍ପାନୀକୁ ଆମେ ଜମି ଦେଇଛୁ, ଏଠାରେ ପ୍ରକଳ୍ପ ହେଲେ ଆମ ପିଲା ନିଯୁକ୍ତି ଓ ଆତ୍ମନିଯୁକ୍ତି ପାଇବେ। କିନ୍ତୁ କମ୍ପାନୀ ଆରମ୍ଭ ପୂର୍ବରୁ ତା ନିକଟରେ ଶ୍ରମିକ ୟୁନିଅନ କରି ଆତଙ୍କ ସୃଷ୍ଟି କରାଯାଉଛି। କମ୍ପାନୀ ରେ କାମ କରୁଥିବା ବିଭିନ୍ନ ଠିକା ସଂସ୍ଥା ଠାରୁ ଲକ୍ଷାଧିକ ଟଙ୍କାର ବଟି ଆଦାୟ କରାଯାଇଛି। ଆମ ପିଲାଙ୍କ ନିଯୁକ୍ତି କଥା କମ୍ପାନୀ ଅଧିକାରୀଙ୍କ ସହିତ ଆଲୋଚନା କଲେ , ସେମାନେ ନିର୍ଦ୍ଧିଷ୍ଟ ୟୁନିୟନ ନେତାଙ୍କୁ ଦେଖାକରିବା ସହିତ ତାଙ୍କ ୟୁନିୟନରେ ସାମିଲ ହେବାକୁ କହୁଛନ୍ତି। ଆମେ କମ୍ପାନୀ ସପକ୍ଷରେ ରହି ଆମର ଭାତ ହାଣ୍ଡି ଭଳି ଜମି ଗୁଡ଼ିକୁ କମ୍ପାନୀକୁ ଟେକି ଦେଇଥିଲୁ କଣ ୟୁନିୟନ ଜରିଆରେ ଚାକିରି କରିବୁ ବୋଲି ପ୍ରଶ୍ନ କରିଛନ୍ତି ଗ୍ରାମବାସୀ। ତେଣୁ ଆମେ ଏଠାରେ ୟୁନିଅନ ଘର କି ୟୁନିୟନ କରାଇ ଦେବୁନାହିଁ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। କମ୍ପାନୀ ଆମ ଜମି ନେଇଛି, ଆମ ପିଲାଙ୍କୁ ସିଧାସଳଖ ଚାକିରି ଦେବ , କମ୍ପାନୀରେ ଆମ ପିଲା ଠିକା କାମ କରିବେ ବୋଲି ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହାକୁ କମ୍ପାନୀ ପାଳନ କରୁ , ନଚେତ ଭିନ୍ନ ପରିସ୍ଥିତି ସୃଷ୍ଟି ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ରାଲିରେ ଢ଼ିଙ୍କିଆ, ନୂଆଗାଁ, ଗୋବିନ୍ଦପୁର, ମାହାଳ, ବାୟାନାଳକନ୍ଦା , ନୋଳିଆସାହି, ଗଡ଼କୁଜଙ୍ଗ ପ୍ରଭୃତି ଗ୍ରାମର ଲୋକେ ସାମିଲ ହୋଇଥିଲେ।

# ଦୈନିକ କାର୍ଯ୍ୟସମୟ ୧୦ ଘଣ୍ଟା ବୃଦ୍ଧିକୁ ବିରୋଧ: ନଭେମ୍ବର ୨୧ରେ ଶୋଭାଯାତ୍ରା ଓ ବିକ୍ଷୋଭ

ବାଲେଶ୍ୱର, ୮/୧୧ (ନି.ପ୍ର): ଶ୍ରମିକମାନଙ୍କ ଦୈନିକ କାର୍ଯ୍ୟଦିବସକୁ ଆଠଘଣ୍ଟାରୁ ୧୦ ଘଣ୍ଟାକୁ ବୃଦ୍ଧି ଓ ରାତ୍ର ସମୟରେ ବ୍ୟବସାୟ ପ୍ରତିଷ୍ଠାନରେ ମହିଳା ଶ୍ରମିକ କାର୍ଯ୍ୟକରିବା ପାଇଁ ରାଜ୍ୟ ସରକାରଙ୍କ ଅଧ୍ୟାଦେଶକୁ ବାଲେଶ୍ୱରର ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ସଂଘମାନଙ୍କର ସମନ୍ୱୟ କମିଟି ଟିୟୁଏସିସି ଦୃଢ଼ବିରୋଧ କରିଛି। ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ଓ ସ୍ୱାଧୀନ ସଂଗଠନର କର୍ମକର୍ତ୍ତା ଭାଗବତ ପ୍ରତିହାରୀ, ରାଜକିଶୋର ଲେଙ୍କା, ନିର୍ମଳ ନାୟକ, ଜଗଦୀଶ ବାରିକ, ଶ୍ୟାମସୁନ୍ଦର ଜେନା ଓ ସତ୍ୟନାରାୟଣ ମିଶ୍ର ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଆଠଘଣ୍ଟା ଶ୍ରମଦିବସପାଇଁ ସଂଗ୍ରାମର ଇତିହାସ ଓ ଶ୍ରମିକରକ୍ତର ଲାଲ୍‌ଝଣ୍ଡାର ଜନ୍ମ ଇତିହାସ ସଂପର୍କରେ ଅବତାରଣା କରିଥିଲେ। ମହିଳାମାନେ କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯ୍ୟାତନାର ଘଟଣା ବୃଦ୍ଧି ପାଉଥିବାବେଳେ ରାତ୍ରକାଳରେ ସେମାନଙ୍କୁ ଚାକିରିସ୍ଥଳରେ କାର୍ଯ୍ୟ କରିବାକୁ ଅଧ୍ୟାଦେଶ ଜାରି କରିବା ଘଟଣା ସରକାରଙ୍କର ଅପରିଣାମଦର୍ଶୀ ନିଷ୍ପତ୍ତି ବୋଲି ସେମାନେ ମତ ଦେଇଥିଲେ। ଡବଲ ଇଂଜିନ୍ ସରକାର ଶ୍ରମିମାନଙ୍କ ସମସ୍ୟା ଦ୍ୱିଗୁଣିତ କରୁଛି ବୋଲି ଅନେକ ବକ୍ତା ମତ ଦେଇଥିଲେ। ସେହିପରି ବିର୍ଲା ଟାୟାର୍ସର ଶ୍ରମିକମାନେ ନ୍ୟାୟପାଇଁ ଦାବି ଓ ଆନ୍ଦୋଳନ ଚଳାଇଥିବାବେଳେ ଆଇନକୁ ମାନୁ ନଥିବା ବିର୍ଲାଟାୟାର୍ସର କର୍ତ୍ତୃପକ୍ଷଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ଓ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍‌ମାନଙ୍କ ମିଳିତ ମଞ୍ଚ ପକ୍ଷରୁ ଏ ସମସ୍ତ ଶ୍ରମିକ ବିରୋଧି ନୀତି ବିରୋଧରେ ଚଳିତ ମାସ ୨୧ ତାରିଖ ଶୁକ୍ରବାର ଦିନ ବାଲେଶ୍ୱର ରେଳଷ୍ଟେସନକୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ପାଇଁ ବୈଠକରେ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଡିସେମ୍ବର ୩, ୪ ଓ ୫ ତାରିଖରେ ତିନିଦିନବ୍ୟାପୀ ଭୁବନେଶ୍ୱରରେ ଶ୍ରମଜୀବୀ ମାନଙ୍କ ବିକ୍ଷୋଭ ସମାବେଶରେ ବାଲେଶ୍ୱରର ସାଥୀମାନେ ଯୋଗଦେବାକୁ ଆହ୍ୱାନ ଦିଆଯାଇଛି। ସର୍ବେଶ୍ୱର ମିଶ୍ର ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ସଂଘ ପକ୍ଷରୁ ହରେକୃଷ୍ଣ ଚାନ୍ଦ, ଭରତ ଚନ୍ଦ୍ର ସେଠୀ, ଚନ୍ଦନା ଆଚାର୍ଯ୍ୟ, ଯତୀନ୍ ପାତ୍ର, ତପନ ଭୂୟାଁ, ସରୋଜିନୀ ବିଶ୍ୱାଳ ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ନେତାଜୀ ଫୁଟବଲ ଟୁର୍ଣ୍ଣାମେଣ୍ଟ: ପ୍ରଥମରେ ବାରିପଦା, ଦ୍ୱିତୀୟ ସେମିରେ ପାରାଦ୍ୱୀପ ବିଜୟୀ



ଖଇରା, ୮/୧୧ (ନି.ପ୍ର): ବାଲେଶ୍ୱର ଜିଲା ଶ୍ୟାମସୁନ୍ଦରପୁର ଗ୍ରାମପଞ୍ଚାୟତ ଅଧୀନ ଚାନ୍ଦଗୋଛି ଖେଳପଡିଆରେ ଶୁକ୍ରବାର ଦିନ ନେତାଜୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇ ଯାଇଛି । ଉଦ୍ଘାଟନୀ ମ୍ୟାଚ ତଥା ପ୍ରଥମ ସେମିରେ ବାରିପଦା ଭଦ୍ରକୁ ୫-୧ ଗୋଲରେ ପରାସ୍ତ କରିଛି । ଟୁର୍ନାମେଣ୍ଟକୁ ରାମଚନ୍ଦ୍ର ମହାକୁଡ ଉଦ୍‌ଘାଟନ କରିଥିବା ବେଳେ ଚାନ୍ଦଗୋଛି ମଠର ମହନ୍ତ ଅଗଣି ବାବା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଟୁର୍ନାମେଣ୍ଟର ଆୟୋଜକ ନେତାଜୀ କ୍ଲବର ସଭାପତି ଅରୁଣ ପାଢୀ,ସମ୍ପାଦକ ଦାମୋଦର ବେହେରା, ଅନ୍ୟାନ୍ୟ କର୍ମକର୍ତ୍ତା ଅଭିମନ୍ୟୁ ରାଉଳ, ପଦ୍ମଲୋଚନ ଜେନା, ବିଭୂତି ପତି, ଅଭୟ ମହାନ୍ତି, ଜିତେନ୍ଦ୍ର ଦାସ, ଶ୍ରୀକାନ୍ତ ରାଉଳ,ଜୟନ୍ତ ସାହୁ, ଦିନେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ଶନିବାର ଦ୍ୱିତୀୟ ସେମିରେ ପାରଦ୍ୱୀପ ଟିମ କଟକକୁ ୫-୨ ଗୋଲରେ ପରାସ୍ତ କରିଛି । ରିଆଜ କାଦ୍ରୀ ମୁଖ୍ୟ ରେଫେରୀ, ବିଏନ୍ ଜେନା ଓ ଜିତେନ୍ଦ୍ର ବାରିକ ସହଯୋଗୀ ରେଫେରୀ ଦାୟିତ୍ୱ ତୁଲାଇଥିଲେ । ରବିବାର ଦିନ ବାରିପଦା ଶକ୍ତଶାଳୀ ପାରାଦ୍ୱୀପକୁ ଭେଟିବ ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ଇଂରାଜୀ ବିଭାଗର ଆଲୋଚନା ଚକ୍ର

କେନ୍ଦ୍ରାପଡ଼ା, ୮/୧୧ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ାର ଇଂରାଜୀ ବିଭାଗ ଦ୍ୱାରା 'ଦି କ୍ଲାସିକାଲ୍ ରୁଟ୍ସ୍ ଅଫ୍ ପାଟ୍ରିଓଟିଜିମ୍ : ରିଇମାଜିନିଙ୍ଗ୍ ଦ କ୍ଲାସିକାଲ ପାର୍ଟ ଇନ୍ ଇଣ୍ଡିଆସ୍ ନେସ୍‌ନାଲିଷ୍ଟ୍ ଲିଟରେଚର୍' ଶୀର୍ଷକରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରର ଅଧକ୍ଷତା କରୁଥିବା ମହାବିଦ୍ୟାଳୟର ଅଧକ୍ଷ ଡ଼ ମଥୁରି ଚରଣ ନାୟକ ଉଦ୍‌ଘାଟନୀ ସମ୍ବୋଧନ ପ୍ରଦାନ କରିଥିଲେ। ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ତପନ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଆଲୋଚନା ଚକ୍ରର ଗୁରୁତ୍ୱ ବିଷୟରେ ଅଭିଭାଷଣ ଦେଇଥିଲେ। ଆମନ୍ତ୍ରିତ ଅତିଥି ପାରାଦ୍ୱୀପ ମହାବିଦ୍ୟାଳୟର ଇଂରାଜୀ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଗଣେଶ୍ୱର ପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ନିଜର ଅଭିଭାଷଣରେ ପ୍ରାଧ୍ୟାପକ ପାତ୍ର ଭାରତର ଜାତୀୟତାବାଦୀ ସାହିତ୍ୟ ଉପରେ ପ୍ରାଚୀନ ସାହିତ୍ୟର ପ୍ରଭାବ ଓ ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ପାରାଦ୍ୱୀପ ମହାବିଦ୍ୟାଳୟ ଓ ତୁଳସୀ ମହିଳା ମହାବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣା ସ୍ମାରକ ସ୍ୱାକ୍ଷରିତ ହୋଇଥିଲା। କାର୍ଯ୍ୟକ୍ରମ ପରିଶେଷରେ ଇଂରାଜୀ ବିଭାଗର ଅଧ୍ୟାପକ ଡ଼ ଶକ୍ତି ଶେଖର ଦାସ ଧନ୍ୟବାଦ ଅର୍ପଣ କରି ଆଲୋଚନା ଚକ୍ର ସମାପନ କରିଥିଲେ। ବିଭାଗର ଅଧ୍ୟାପିକା ପ୍ରଜ୍ଞା ମହାନ୍ତି ଓ ସୁଶ୍ରୀ ସଙ୍ଗିତା ପରିଡ଼ା ଆଲୋଚନା ଚକ୍ରରେ ଉପସ୍ଥିତ ରହି ସୁଚାରୁ ରୂପେ ପରିଚାଳନା କରିଥିଲେ।

# ସଞ୍ଚୟ ପକ୍ଷ ୨୦୨୫ ପାଳନ ଅବସରରେ ବରିଷ୍ଠ ନାଗରିକ ଓ ଛାତ୍ରମାନଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଶିବିର

ଭଦ୍ରକ, ୮/୧୧ (ନି.ପ୍ର): ୨୫ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ସଞ୍ଚୟ ପକ୍ଷ ପାଳନ ଅବସରରେ ବରିଷ୍ଠ ନାଗରିକ, ପେନସ୍ୱାନର ଓ ଛାତ୍ର ଛାତ୍ରୀ ମାନାଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଓ ସାଇବର କ୍ରାଇମ ସମ୍ପର୍କରେ ସଚେତନତା ଶିବିର, ଭଦ୍ରକ ଜିଲ୍ଲା ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଆର୍ଥିକ ସେବା ସଞ୍ଚୟ କାର୍ଯ୍ୟାଳୟ ଅଧିକାରୀ, ଡାକ ବିଭାଗ ଅଧିକାରୀ, ସାଇବର ସେଲ ଅଧିକାରୀ, ପଦ୍ମନ ରାୟ ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ, ବରିଷ୍ଠ ନାଗରିକ ସଂଘ ଭଦ୍ରକର ପ୍ରେସିଡେଣ୍ଟ ଓ ସେକ୍ରେଟାରୀ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ନାଗରିକ, ପେନ୍ସନାର ଓ ଜିଲ୍ଲା ସ୍କୁଲ ର ଛାତ୍ର ଛାତ୍ରୀ ମାନାଙ୍କୁ ନେଇ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତ କାରଣ ଶିବିର ଆୟୋଜିତ ହୋଇଥିଲା। ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପିଲାମାନଙ୍କୁ ସଞ୍ଚୟର ମହତ୍ତ୍ୱ ବୁଝାଇ ଥିଲା ଓ ପିଲାମାନଙ୍କୁ ସଞ୍ଚୟ ଅଭ୍ୟାସ ବୃଦ୍ଧି କରିବା ପାଇଁ ପ୍ରେରଣା ଦେଇଥିଲେ। ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ୍ କୁମାର ରାୟ ପିଲା ମାନଙ୍କୁ ସଞ୍ଚୟ କରିବା ପ୍ରେରଣା ଦେଇଥିଲେ। ସାଇବର ସେଲ ଅଧିକାରୀ ବରିଷ୍ଠ ନାଗରିକ ଓ ପିଲାମାନଙ୍କୁ ସାଇବର ଅପରାଧୀ ମାନଙ୍କ ଶୀକାର ନ ହେବାର ଉପୟମନ ଜଣାଇ ଥିଲେ। ଡାକ ଅଧିକାରୀ ସଞ୍ଚୟ ଯୋଜନା ଗୁଡିକ ସମ୍ପର୍କରେ ସଚେତନ କରାଇଥିଲେ। ଜିଲ୍ଲା ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ସଞ୍ଚୟ ଯୋଜନା ଗୁଡିକ ସମ୍ପର୍କରେ ଏକ ନାଟକ ପ୍ରଦର୍ଶନୀ କରିଥିଲେ। ସଭା ଶେଷରେ ପିଲାମାନଙ୍କ ମଧ୍ୟରେ ଏକ କୁଇଜ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏହି ସଭାରେ ପ୍ରାୟ ୧୦୦ ବରିଷ୍ଠ ନାଗରିକ, ଛାତ୍ର ଛାତ୍ରୀ, ଡାକ ଅଭିକର୍ତ୍ତା ଯୋଗ ଦେଇଥିଲେ।

ରବିବାର, ନଭେମ୍ବର ୦୯, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଆମ୍ବିଳିଅଠା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଘାଟିତ

ଜଳେଶ୍ୱର, ୮/୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ଆମ୍ବିଳିଅଠା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପୂର୍ବାହ୍ନ ୮ ଘଟିକା ସମୟରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଅଛି।ଛାତ୍ର ଛାତ୍ରୀଙ୍କ ଦ୍ୱାରା ମୋଟ ୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।ଏହି ଅବସରରେ ଆୟୋଜିତ ଉଦଘାଟନୀ ସଭାରେ ଅନୁଷ୍ଠାନର ପ୍ରାଧାନ ଗୁରୁ ମା ବାସନ୍ତୀ ପ୍ରଧାନ ଅଧକ୍ଷତା କରିଥିଲେ।ଏହି ବିଜ୍ଞାନ ପ୍ରଦର୍ଶନୀର ଉଦଘାଟକ ତଥା ମୁଖ୍ୟ ଅତିଥି ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହର ଚେୟାରମେନ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ଉଦଘାଟନ କରି ଆଧୁନିକ ସମାଜରେ ବିଜ୍ଞାନର ଆବଶ୍ୟକତା ତଥା ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ ତଥା ଶ୍ରେଷ୍ଠ ବୈଜ୍ଞାନିକ ଥୋମାସ ଆଲଭା ଏଡିସନ୍ ଙ୍କ ଗ୍ରାମ ଫୋନ୍ ରେକର୍ଡ,ବିଦ୍ୟୁତ ବଲବ ଉଦ୍ଭାବନ ସମ୍ପର୍କରେ ଆଲୋଚନା କରି ଅଂଶ ଗ୍ରହଣ କରିଥିବା କୁନି କୁନି ବୈଜ୍ଞାନିକ ମାନଙ୍କୁ ଅଗ୍ନି କ୍ଷେପଣାସ୍ତ୍ର ର ଜନକ ତଥା ମହାମହିମ ରାଷ୍ଟ୍ରପତି ଡଃ ଏପିଜେ ଅବଦୁଲ କଲାମ ଭଳି ହେବା ପାଇଁ ପ୍ରେରଣା ଦେଇଥିଲେ।ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଅନୁଷ୍ଠାନର ସଭାପତି ଗୌରାଙ୍ଗ ପାତ୍ର, ସମ୍ପାଦକ ରବିନାରାୟଣ ପାତ୍ର, ବିଜ୍ଞାନ ଶିକ୍ଷକ ପଞ୍ଚାନନ କଅର, ପ୍ରତାପ ଜେନା, ରଣଜିତ ଭୂୟାଁ, ଗୋପବନ୍ଧୁ



ଦାସ, ରେବତୀ ରାଜ, ସୀତା ଟୁଡୁ, ମମତା ସ୍ୱାଇଁ, ମନୋରମା ମହାନ୍ତି, ସାବିତ୍ରୀ ପାତ୍ର,ଅଜୟ ଚନ୍ଦ,ହରେନ୍ଦ୍ର ଜେନା ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ସିଆଇଟିୟୁର ୭ମ ଭଦ୍ରକ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ: ନବ୍ୟଫାଶୀବାଦୀ ଶକ୍ତିକୁ ପରାସ୍ତ କରିବାକୁ ଆହ୍ୱାନ

ଭଦ୍ରକ, ୮/୧୧ (ନି.ପ୍ର): ଭାରତର ସମ୍ବିଧାନ, ଧର୍ମ ନିରପେକ୍ଷ ଗଣତନ୍ତ୍ର ଓ ଭାରତର ସାର୍ବଭୌମତ୍ୱ ର ସୁରକ୍ଷା ସମେତ ଶ୍ରମିକ ସପକ୍ଷବାଦୀ ସମସ୍ତ ଶ୍ରମ ଆଇନର ସୁରକ୍ଷା, ସମସ୍ତ ସ୍କିମ ଶ୍ରମିକ ମାନଙ୍କୁ ସ୍ଥାୟୀ ଶ୍ରମିକ ର ମାନ୍ୟତା ଦେବା ଆଦି ଦାବି କରି ସିଆଇଟିୟୁ ର ୭ମ ଭଦ୍ରକ ଜିଲ୍ଲା ସମ୍ମିଳନୀ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀର ଖୋଲା ଅଧିବେସନ ଭଦ୍ରକ କଚେରୀ ବଜାର ସ୍ଥିତ ଷ୍ଟେଟ ବ୍ୟାଙ୍କ ଛକଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଧାରଣ ସଭାରେ ସିଆଇଟିୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତି ବିରୁଦ୍ଧରେ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ ।ରାଷ୍ଟ୍ରାୟତ୍ତ ଉଦ୍ୟୋଗ ର ଘରୋଇକରଣ ମାଧ୍ୟମରେ ମୋଦି ସରକାର ଶ୍ରମିକ ଛଟେଇ କରୁଥିବାରୁ ଶ୍ରୀଯୁକ୍ତ ପତି ଗଭୀର ଉଦବେଗ ପ୍ରକାଶ କରିଥିଲେ । ଅନ୍ୟତମ ବକ୍ତା ଭାବେ ବରିଷ୍ଠ ବାମପନ୍ଥୀ ନେତା ସନ୍ତୋଷ ଦାସ ଯୋଗଦେଇ ଶ୍ରମିକ-ଚାଷୀ- କୃଷି ଶ୍ରମିକ ମାନେ ଏକଜୁଟ ହୋଇ ସାଂପ୍ରଦାୟିକ- କର୍ପୋରେଟ କୁଚକ୍ର ବିରୁଦ୍ଧରେ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଆଇଟିୟୁ ରାଜ୍ୟ ସଂପାଦକ ରମେଶ ଯେନା, ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ସିଆଇଟିୟୁ ଜିଲ୍ଲା ସଂପାଦକ କାଳନ୍ଦୀ ପାତ୍ର, ଜିଲ୍ଲା ଉପସଭାପତି ରାଧାନାଥ ଦାସ , ଅନ୍ୟତମ ଉପସଭାପତି ବିଷ୍ଣୁ ଦାଶ, ମଳୟ ଭୋଇ, ଯୁବନେତା ବିକାଶ ନାଥ ପ୍ରମୁଖ ଏହି ଖୋଲା ସଭାରେ ଉଦବୋଧନ ଦେଇଥିଲେ । ପ୍ରଥମେ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ ସଂଗଠନର ପତାକା ଉତ୍ତୋଳନ କରିଥିବା ବେଳେ ସଂସ୍କୃତି ଭବନ ଠାରେ ଏହି ସମ୍ମିଳନୀକୁ ରାଜ୍ୟ ସଂପାଦକ ରମେଶ ଯେନା ସମ୍ମିଳନୀକୁ ଉଦଘାଟନ କରିଥିଲେ । ଏହି ସମ୍ମିଳନୀ ରେ ଶ୍ରମିକ ନେତା ଦିବ୍ୟସିଂହ ନାୟକ ଜିଲ୍ଲା ସଭାପତି ଭାବେ ପୁନଃ ନିର୍ବାଚିତ ହୋଇଥିବା ବେଳେ ଶ୍ରମିକ ନେତା କାଳନ୍ଦୀ ପାତ୍ର ଜିଲ୍ଲା ସଂପାଦକ ଭାବେ ପୁନଃ ନିର୍ବାଚିତ ହୋଇଥିଲେ । ଶ୍ରମିକ ନେତା ରାଧାନାଥ ଦାସ, ମଳୟ ଭୋଇ, ବିଷ୍ଣୁ ଦାଶ,ସୀତା ଦାଶ ପ୍ରମୁଖ ଜିଲ୍ଲା ଉପସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ସେକ୍ ସଭାରୁଦ୍ଦିନ୍, ମମତା ଯେନା ସହ ସଂପାଦକ ଭାବେ ନିର୍ବାଚିତ ହୋଇଥିଲେ । ଶ୍ରମିକ ନେତା ବିଷ୍ଣୁ ଦାଶ ଜିଲ୍ଲା କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ଏହି ସମ୍ମିଳନୀକୁ ଓଡିଶା କୃଷକ ସଭା ଜିଲ୍ଲା ସଭାପତି ଚନ୍ଦ୍ରଶେଖର ନାୟକ, ଓଡିଶା କ୍ଷେତମଜଦୂର ୟୁନିୟନ ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ସଂପାଦିକା ସୁରଜିତା ନାୟକ, ବରିଷ୍ଠ ଶ୍ରମିକ ନେତା ଅଭିନ୍ନ ଚନ୍ଦ୍ର ରାୟ, ଚାଷୀ ନେତା ନିରଞ୍ଜନ ପାଣି ପ୍ରମୁଖ ଶୁଭେଚ୍ଛା ଜଣାଇ ବକ୍ତବ୍ଯ ରଖିଥିଲେ । ଏହି ସମ୍ମିଳନୀରେ ଶତାଧିକ ଆଶାକର୍ମୀ, ପାଚିକା- ସହାୟିକା, ନିର୍ମାଣ ଶ୍ରମିକ, ଅଙ୍ଗନୱାଡି କର୍ମୀ, କ୍ଷୁଦ୍ର ବ୍ୟବସାୟୀ, ଟ୍ରଲି ଚାଳକ, ରିକ୍ସା ଚାଳକ, ଟାକ୍ସି ଚାଳକ, ରାଜ୍ୟ ଓ କେନ୍ଦ୍ର ସରକାର ଙ୍କ ଅଧିନରେ କାର୍ଯ୍ୟରତ କର୍ମଚାରୀମାନଙ୍କ ସହ ଶତାଧିକ ସାଧାରଣ ଜନତା ଉପସ୍ଥିତ ଥିଲେ ।




## ମୟୁରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବୈଶିଙ୍ଗା , ୮/୧୧ (ନି.ପ୍ର): ଚଳିତ ବର୍ଷ ମୟୁରଭଞ୍ଜ ଜିଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗାସ୍ଥିତ ରୟାଲ ବଗିଚା ମଣ୍ଡପ ପରିସରରେ ଅନୁଷ୍ଠିତ ହେବ ବୋଲି ବୈଶିଙ୍ଗା ମିଡ଼ିଆ ସେଣ୍ଟର ଦାୟିତ୍ୱ ନେବାପରେ ଶନିବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ସଭାପତି ଅରୁଣ କୁମାର ଓତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଚଳିତ ମାସ ୨୩ ତାରିଖରେ ଏହି ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାକୁ ଥିବାରୁ କିପରି ଏହି ସାମାଜିକ କାର୍ଯ୍ୟ ଅନୁଷ୍ଠିତ ହେବ ସେ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା । ଏହି ଉତ୍ସବର ସଠିକ ପରିଚାଳନା କରିବା ପାଇଁ ସଂଘର ଉପସ୍ଥିତ ସଦସ୍ୟଙ୍କ ସହଯୋଗ କାମନା କରାଯାଇଥିଲା । ଉତ୍ସବକୁ ମାତ୍ର ୧୨ ଦିନ ଥିବାରୁ ହାତରେ ସମୟର ଅଭାବ ଥିବାରୁ ବିଶେଷଭାବେ ବୈଶିଙ୍ଗା ମିଡ଼ିଆ ସେଣ୍ଟରର ଅଧକ୍ଷ ବିମଳେନ୍ଦୁ ମହାପାତ୍ର, ସ୍ୱରୂପ ପଟ୍ଟନାୟକ, ମଧୁସୂଦନ ମହାନ୍ତି ଙ୍କ ସମେତ ବେତନଟୀ ସାମ୍ବାଦିକ ଉପଖଣ୍ଡର ଉପ ସଭାପତି ସୀତାନାଥ ବେହେରା ପ୍ରମୁଖ ଦାୟିତ୍ୱ ନେଇଥିବାରୁ ସେମାନଙ୍କୁ ଉଚ୍ଚ ପ୍ରଶଂସା କରାଯାଇଥିଲା । ଜିଲାର ବିଭିନ୍ନ ବ୍ଲକରୁ ଯୋଗଦାନ କରିଥିବା ସଦସ୍ୟ ମାନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଏହି ଅବସରରେ ପାଞ୍ଚ ଜଣ ସାମ୍ବାଦିକଙ୍କ ସମେତ କେତେକ ପ୍ରତିଭାଧାରୀ ଙ୍କୁ ସମ୍ବର୍ଦ୍ଧିତ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ମୟୁରଭଞ୍ଜ ଜିଲା ସାମ୍ବାଦିକ ସଙ୍ଘ ଜିଲାର ସର୍ବ ପୁରାତନ ସଙ୍ଘ ହୋଇଥିବାବେଳେ ସଙ୍ଘ ଯେପରି ନିଜର ଗୌରବକୁ ବଜାୟ ରଖିବ ସେଥିନିମନ୍ତେ ଧ୍ୟାନ ଦେବାକୁ ସଦସ୍ୟ ମାଣିକଲାଲ ପାଣି ପ୍ରସ୍ତାବ ରଖିଥିଲେ । ସଭାପତିଙ୍କ ସମେତ ମିଡ଼ିଆ ସେଣ୍ଟର ସଦସ୍ୟ ଓ ସଦର ଉପ ସଭାପତି ମନୋଜ କୁମାର ବେହେରା ଙ୍କୁ ଅତିଥିଙ୍କ ସହ ଯୋଗାଯୋଗ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ବୈଠକରେ ଅନ୍ୟ ସଦସ୍ୟ ଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ଅଶୋକ ମହାନ୍ତି,ଶିକ୍ଷାବିତ ତଥା ଖବର କାଗଜ ସମ୍ପାଦକ ବିକାଶ ଚନ୍ଦ୍ର ସେଠୀ, ମନୋରଞ୍ଜନ ମହାନ୍ତି,ମିଲନ କୁମାର ବେହେରା, ବୁଲୁ ଦାସ, ଶିରିଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ଆଗାମୀ ବୈଠକ କେବେ ଅନୁଷ୍ଠିତ ହେବ ଜଣାଇ ଦିଆଯିବ ବୋଲି ସଭାପତି ପ୍ରକାଶ କରିଥିଲେ । ଉପଖଣ୍ଡ ଦାୟିତ୍ୱରେ ଥିବା ପଦାଧିକାରୀ ମାନେ ଉପଯୁକ୍ତ ସାମ୍ବାଦିକଙ୍କ ନାମ ପ୍ରସ୍ତାବ ଦେବାକୁ ଅନୁରୋଧ କରାଯାଇଥିଲା । ଶେଷରେ ବରିଷ୍ଠ ସାମ୍ବାଦିକ ବିମଳେନ୍ଦୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ବସ୍ତା , ୮/୧୧ (ନି.ପ୍ର): ବସ୍ତା ଥାନା ମାଛିଆ ଗ୍ରାମରେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ କୁ ନେଇ ଶୋକାକୁଳ ପରିବେଶ। ସୂଚନା ଅନୁସାରେ ଗ୍ରାମର ସ୍ୱର୍ଗତ ପୁରୁଷୋତମ ଦାସଅଧିକାରୀଙ୍କ ୪୯ ବର୍ଷ ର ପୁତ୍ର ରାଧାମାଧବ ଦାସଅଧିକାରୀ ପେସା ରେ ଜଣେ ଅଟୋଚାଳକ। ଅଟୋ ଚଳାଇ ନିଜର ପରିବାରର ଗୁଜରାଣ ମେଣ୍ଟାଇ ଆସୁଥିଲେ। ଗତକାଲି ପଞ୍ଚୁକ ଅବସରରେ ସ୍ଥାନୀୟ ଗୌଡ଼ିୟ ମଠ ରେ ପ୍ରସାଦ ସେବନ ର ବ୍ୟବସ୍ଥା ହୋଇଥିଲା। ରାଧାମାଧବ ସେଠାକୁ ବହୁ ଲୋକଙ୍କୁ ପ୍ରସାଦ ସେବନ ପାଇଁ ନେଇଥିଲେ ଏବଂ ନିଜେ ମଧ ପ୍ରସାଦ ସେବନ କରିଥିଲେ। ସନ୍ଧ୍ୟା ରେ ବଜାରକୁ ଆସି ଚା ପିଇ ଘରକୁ ଯିବା ପରେ, ଘରେ ତାଙ୍କର ଅସ୍ୱାଭାବିକ ଅବସ୍ଥା କୁ ଦେଖି ତୁରନ୍ତ ମେଡିକାଲ କୁ ଅଣାଯାଇଥିଲେ ମଧ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ତେବେ ଆଜି ପୋଲିସ ପହଂଚି ଶବ କୁ ପୋଷ୍ଟ ମାର୍ଟମ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି।

## ଗରିବ ମେଧାବୀଛାତ୍ରକୁ ଡାକ୍ତରୀ ଶିକ୍ଷା ପାଇଁ ସହାୟତାର ହାତବଢାଇଲେ ରାଧାକୃଷ୍ଣ ଚେରିଟେବୁଲ ଟ୍ରଷ୍ଟ

ନୀଳଗିରି: ନୀଳଗିରିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ରତ୍ନାକର ଟାଉନ ଉଚ୍ଚବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କ ଦ୍ୱାରା ନବନିର୍ମିତ ଆର.ଟି.ଏଚ.ଏସ ରାଧାକୃଷ୍ଣ ଚ୍ୟାରିଟେବଲ ଫାଉଣ୍ଡେସନ ଦ୍ୱାରା ବାଲେଶ୍ୱର ଜିଲ୍ଲାର ସରସ୍ୱତୀପୁର ଅଞ୍ଚଳନିବାସୀ ସନ୍ତୋଷ କୁମାର ବେହେରା ଓ ଅମିତା ବେହେରାଙ୍କର ସୁଯୋଗ୍ୟ ସନ୍ତାନ ତଥା ଜଣେ ମେଧାବୀଛାତ୍ର ଶ୍ରୀକାନ୍ତ ବେହେରା ଯିଏକି ଡାକ୍ତରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ମଧ ଅର୍ଥାଭାବରୁ ଆଡ୍‌ମିଶନ ହୋଇପାରୁନଥିଲେ ।ଏହି ଖବର ପାଇବାପରେ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସତ୍ୟ ଗୋପାଳ ମହାପାତ୍ର ଓ ଭୋଲ୍ୟୁଣ୍ଟର୍ ତାପସ କୁମାର ପ୍ରଧାନ ୭ତାରିଖ ତାଙ୍କ ଘରେ ଭେଟିବା ସହିତ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଆଜି ରତ୍ନାକର ଟାଉନ ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ଟ୍ରଷ୍ଟ ର ଚେୟାରମେନ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ଓ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସଙ୍କ ଉପସ୍ଥିତିରେ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଓ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ମେଧାବୀଛାତ୍ର ଶ୍ରୀକାନ୍ତ ବେହେରାଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାମିଲହୋଇ ମେଡିକାଲଛାତ୍ର ଶ୍ରୀକାନ୍ତ ବେହେରା ଆଗାମୀ ଭବିଷ୍ୟତରେ ଜଣେ ଭଲ ଡାକ୍ତର ହେବାସହିତ ଗରିବଲୋକ ମାନଙ୍କୁ ସହାୟତା କରିବାପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।




## କଳିଙ୍ଗ ବାଲିଯାତ୍ରାର ପଞ୍ଚମ ସନ୍ଧ୍ୟା: କୁଳଦୀପ ପଟ୍ଟନାୟକଙ୍କ କଣ୍ଠରେ ଝୁମିଲେ ଦର୍ଶକ

ପାରାଦୀପ, ୮/୧୧ (ନି.ପ୍ର): ଆଜି ଥିଲା କଳିଙ୍ଗ ବାଲିଯାତ୍ରାର ପଞ୍ଚମ ସନ୍ଧ୍ୟା । ଦିନ ଯେତେ ଆଗକୁ ବଢୁଛି ଦର୍ଶକଙ୍କ ସମାଗମ ସେହି ଅନୁସାରେ ବଢ଼ିବାରେ ଲାଗିଛି । ବିଗତ ଚାରି ଦିନ ଅପେକ୍ଷା ଆଜି ବହୁତ ଜନ ସମାଗମ ହେଇଥିଲା । ପଞ୍ଚମ ସନ୍ଧ୍ୟା ରେ ଆୟୋଜିତ ସାଂସ୍କୃତିକ ସଭାରେ ନିରଞ୍ଜନ ବେହେରା ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ତଥା ଉପସଭାପତି କଳିଙ୍ଗ ବାଲି ଯାତ୍ରା କମିଟିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସୁମିତ କୁମାର ସେନାପତି, ମୁଖ୍ୟ ସାଧାରଣ ପରିଚାଳକ ପାରାଦ୍ୱୀପ ଫସଫେଟ ଲିମିଟେଡ୍, ପାରାଦ୍ୱୀପ, ସାମ୍ମାନୀତ ଅତିଥି ଭାବେ ବିଜୟ କୁମାର ପରିଡା, ମାନବ ସମ୍ବଳ ମୁଖ୍ୟ, ଇଫୋକ, ଦୀପକ ପ୍ରସାଦ ସ୍ୱାଇଁ ଓ.ପ୍ର.ସେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୁଜଙ୍ଗ, ଡ଼ ଦେବବ୍ରତ ଦାଶ ରାଜସ୍ୱ ଓ ମାନବ ସମ୍ବଳ ମୁଖ୍ୟ, ଏ.ଏମ/ଏନ. ଏସ, ପାରାଦ୍ୱୀପ ପ୍ରମୁଖ ଯୋଗ ଦେଇ କଳିଙ୍ଗ ନୌ ବାଣିଜ୍ୟର ସ୍ମୃତି ଚାରଣ କରିବା ସହିତ ଏହାର ଉତ୍ତରା ଉତ୍ତରୀ କାମନା କରିଥିଲେ । ଆଜି ମଞ୍ଚାସିନ ଅତିଥି ମାନଙ୍କ ଦ୍ୱାରା ସଞ୍ଜୟ କେତନ ସେଠି, ମୁଖ୍ୟ ପରିଚାଳକ (ପ୍ରଶାସନିକ ଓ ମାନବ ସମ୍ବଳ) ପାରାଦ୍ୱୀପ ଫସଫେଟ ଲିମିଟେଡ୍ ଏବଂ ପରିମଳ କ୍ଷେତ୍ରରେ ଉତ୍କୃଷ୍ଟ ସେବା ପାଇଁ ସୋମ୍ୟ ରଞ୍ଜନ ମଲ୍ଲ ଓ ସାଥୀ ମାନଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଆଜି ପଞ୍ଚମ ସନ୍ଧ୍ୟା ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକ ଆକର୍ଷଣୀୟ ପାଲଟିଥିବା ବେଳେ ହଜାର ହଜାର ଦର୍ଶକ ମଞ୍ଚ ସମ୍ମୁଖରେ ବସି ଏହାର ମଜା ନେଇଥିଲେ। ୪ଟା ରୁ ମଞ୍ଚ ପରିଚାଳନା କାର୍ଯ୍ୟକ୍ରମ କରାଯାଇଥିଲା। ପାରାଦ୍ୱୀପର ବୀଣାପାଣି କଳା ନିକେତନ ଏବଂ ଓଁକାର କ୍ରିଏଟିଭ ଡାନ୍ସ ଗ୍ରୁପ, ପକ୍ଷରୁ ସେମିକ୍ଲାସିକାଲ, ମା ମଙ୍ଗଳା କଳା ପରିଷଦ, ପାରାଦ୍ୱୀପ ପକ୍ଷରୁ ମର୍ଦ୍ଦଳ ସଂଗୀତ, ସାଇକୃପା କଳା ବିକାଶକେନ୍ଦ୍ର, ଜଗତସିଂହପୁର ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ସାଲେପୁରର ନୃତ୍ୟଶ୍ରୀ କଳା ନିକେତନ ଟ୍ରଷ୍ଟ ପକ୍ଷରୁ କ୍ରିଏଟିଭ ଡାନ୍ସ, ଓଷ୍ଟେଣ୍ଡ ହିଟସ ଡ୍ୟାନ୍ସ ଗ୍ରୁପ ଝରସୁଗୁଡା ପକ୍ଷରୁ ଓଷ୍ଟେଣ୍ଡ ଡ୍ୟାନ୍ସ, ପାଞ୍ଚପୁଷ୍ପ କଳା ସଂସଦ କଟକ ପକ୍ଷରୁ ତ୍ରାହି ଦୁର୍ଗା, ପଲ୍ଲୀନୃତ୍ୟ ବିରିଡିର ଉତ୍କଳ କଳା ମନ୍ଦିର, ଖୋର୍ଦ୍ଧାର ପୁଷ୍ପିତା ମିଶ୍ର ଗ୍ରୁପ ପକ୍ଷରୁ ଓଡିଶୀ ନୃତ୍ୟ ଓ କଳିଙ୍ଗ ପାଇକ ଆଖଡ଼ା କ୍ରୀଏସନ ପକ୍ଷରୁ ପାଇକ ଆଖଡ଼ା, ଜଗତସିଂହପୁରର ଦୁଃଖିରାମ ସ୍ୱାଇଁ ଓ ସାଥୀ କଳାକାରଙ୍କ ଦ୍ୱାରା ସାଇବର ସୁରକ୍ଷା ଉପରେ ନାଟକ ମଞ୍ଚସ୍ଥ କରି ସଚେତନତା ସୃଷ୍ଟି କରାଯାଇଥିଲା । ସଂସ୍କୃତି ବିଭାଗ ଗଞ୍ଜାମ ଦ୍ୱାରା ଅନୁବାନ୍ଧିତ ବିଚିତ୍ର ବର୍ଣାଳୀ ନାଟ୍ୟ ସାଂସଦ ଦ୍ୱାରା କଣ୍ଢେଇ ନୃତ୍ୟ ଆଦି ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି । ଆଜି ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ବେଶ ଆକର୍ଷଣ ଥିଲା କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକଙ୍କ କଣ୍ଠଦାନ। ଦର୍ଶକ ବହୁତ ସଂଖ୍ୟା ରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସଂଗୀତକୁ ଉପଭୋଗ କରିଥିଲେ । ବିଭିନ୍ନ ଖାଦ୍ୟ ଷ୍ଟଲ ଗୁଡିକରେ ଦର୍ଶକ ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ମଜା ନେଇଥିଲେ । ରାମଦୋଳି ସହିତ ବିଭିନ୍ନ ଖେଳର ଆନନ୍ଦ ଉଠାଇ ଥିଲେ। ଘରକରଣ ସାମଗ୍ରୀ ସହିତ ବିଭିନ୍ନ ଜିନିଷ କିଣା କିଣି କରିଥିଲେ ।ଜିଲ୍ଲା ପ୍ରଶାସନ, ପୌର ପ୍ରଶାସନ ଓ ପୋଲିସ ପ୍ରଶାସନ ଯାତ୍ରାକୁ ଶୃଙ୍ଖଳାର ସହିତ ସମାପନ ପରିବାକୁ ଲାଗି ଚେଷ୍ଟାରତ ଅଛନ୍ତି । ସାଧା ପୋଷାକରେ ପୋଲିସ ଯାତ୍ରା ଭିଡରେ ମୁତୟନ ଥିବା ବେଳେ କଣ୍ଟ୍ରୋଲ ରୁମରୁ ସିସି ଟିଭି ମାଧ୍ୟମରେ ଯାତ୍ରା ଉପରେ ତୀକ୍ଷ୍ଣ ନଜର ରଖିଛି ।



## ବିଜେଡ଼ି ନେତା ମହମ୍ମଦ ଜୁନେଦଙ୍କ ଘରେ ରେଡ୍

ନୂଆପଡା/ଭୁବନେଶ୍ୱର, ୮/୧୧ (ନି.ପ୍ର): ଖରିଆର ରୋଡ୍ ନଗର କଂଗ୍ରେସର ପୂର୍ବତନ ସଭାପତି ତଥା ବର୍ତମାନର ବିଜେଡ଼ି ନେତା ମହମ୍ମଦ ଜୁନେଦଙ୍କ ଘରେ ନିର୍ବାଚନ କମିଶନଙ୍କ ସ୍ପେଶଲ୍ ସ୍କାର୍ଡ ଓ ଆୟକର ବିଭାଗର ରେଡ୍ କରିଛି । ନୂଆପଡ଼ା କଂଗ୍ରେସର ଜଣେ ଟାଣୁଆ ସଂଖ୍ୟାଲଘୁ ନେତା ଭାବେ ଜଣାଶୁଣା ତଥା ଖରିଆର ରୋଡ଼ ନଗର କଂଗ୍ରେସର ପୂର୍ବତନ ସଭାପତି ମହମ୍ମଦ ଜୁନେଦ ଗତ କାଲି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଥିଲେ। ଖରିଆର ରୋଡ଼ ଏନଏସିରେ ବିଜେଡ଼ିର ଟଙ୍କା କାରବାର ମହମ୍ମଦ ଜୁନେଦଙ୍କ ଘରେ ହେଉଥିବାର ଖବର ପାଇ ନିର୍ବାଚନ କମିଶନଙ୍କ ସ୍ପେଶାଲ୍ ସ୍କାର୍ଡ ଓ ଆୟକର ବିଭାଗର ରେଡ କରିଛି।

## ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ଖୁଣ୍ଟାପୁରରେ ମିଶନ ଲାଇଫ ପ୍ରକଳ୍ପ ପ୍ରଦର୍ଶନୀ




ବୈଶିଙ୍ଗା , ୮/୧୧ (ନି.ପ୍ର): ବୈଶିଙ୍ଗା ଉପକଣ୍ଠ ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ, ଖୁଣ୍ଟାପୁର ପରିସରରେ ଇକୋ କ୍ଲବ ଆନୁକୂଲ୍ୟରେ ବିଜ୍ଞାନ ଶିକ୍ଷୟିତ୍ରୀ ଶୁଭସ୍ମିତା ସାମନ୍ତରାୟ, ତୃଷ୍ଣା ଦାସ ଓ ଶିକ୍ଷକ ରାଧୁ ସିଂ ଙ୍କ ମିଳିତ ଉଦ୍ୟମ ରେ ମିଶନ ଲାଇଫ ଆଧାରିତ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଇକୋ କ୍ଲବ ପରିଚାଳିତ ମିଶନ ଲାଇଫ ଅନ୍ତର୍ଗତ ସ୍ୱାସ୍ଥ୍ୟପ୍ରଦ ଜୀବନଶୈଳୀ, ପୋଷଣୀୟ ଖାଦ୍ୟ , ଆବର୍ଜନା ପରିଚାଳନା, ଜଳ ଓ ଶକ୍ତି ସଂରକ୍ଷଣ ଇତ୍ୟାଦି ବିଷୟବସ୍ତୁ ଉପରେ ମୋଟ ୩୨ ଜଣ ଛାତ୍ର ଛାତ୍ରୀ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଏହି ପ୍ରକଳ୍ପ ପ୍ରଦର୍ଶନୀ କୁ ଉଦଘାଟନ କରିଥିବାବେଳେ କୈଳାସ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ହେମପୁର ର ବିଜ୍ଞାନ ଶିକ୍ଷକ ଚନ୍ଦନ କୁମାର ଦାସ ଏବଂ ରାଜନନ୍ଦିନୀ ପାତ୍ର ପ୍ରକଳ୍ପ ଗୁଡିକ ର ମୂଲ୍ୟାୟନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସିନିୟର ଓ ଜୁନିଅର ବିଭାଗ ରୁ ଶ୍ରେଷ୍ଠ ତିନୋଟି ଲେଖାଏଁ ପ୍ରକଳ୍ପ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତା ର କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ କୁ ସଫଳ କରିବାରେ ମୁକୁନ୍ଦ ସେନାପତି, ଜ୍ୟୋତ୍ସ୍ନା ରାଣୀ ଜେନା, ବିଜୟ କୁମାର ସେଠୀ, ଧର୍ମେନ୍ଦ୍ର ମହାନ୍ତ, କୃଷ୍ଣପ୍ରିୟା ରାଉତ, ସ୍ମିତା ଲେଙ୍କା, ଜୟନ୍ତୀ ମହାପାତ୍ର, ସଞ୍ଜୁ ବାଳା ଦାସ,ସୌଭଦ୍ର ଦାସ, ଓ କାମିନୀ କାନ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ଜନସମସ୍ୟାକୁ ନେଇ ଆନ୍ଦୋଳନ ଗଢ଼ି ତୋଳିବାକୁ ସିପିଆଇ ଜିଲ୍ଲା ପରିଷଦ ବୈଠକରେ ନିଷ୍ପତ୍ତି

ବାଲେଶ୍ୱର, ୮/୧୧ (ନି.ପ୍ର): ସି.ପି.ଆଇ.ର ଜିଲ୍ଲା ପରିଷଦ ବୈଠକ ଅନାମ ପ୍ରସାଦ ବାରିକଙ୍କ ସଭାପତିତ୍ୱରେ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଜ୍ୟ ସଂପାଦକ ଡ. ପ୍ରଶାନ୍ତ ମିଶ୍ର ଓ ସହସଂପାଦକ ଜୟନ୍ତ ଦାସ ଯୋଗଦେଇ ଚଣ୍ଡିଗଡ଼ ପାର୍ଟିର ମହା ଅଧିବେଶନରେ ଗୃହୀତ ହୋଇଥିବା ପ୍ରସ୍ତାବଗୁଡ଼ିକ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପାର୍ଟିର ଗଣଭିତ୍ତିକୁ ବୃଦ୍ଧି କରି ବାମପନ୍ଥୀ ଏକତା ଓ ଅନ୍ୟ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ଦଳମାନଙ୍କୁ ସାଙ୍ଗରେ ନେଇ ଉଗ୍ର ସାଂପ୍ରଦାୟିକ ଓ ଫାସୀବାଦୀ ବିଜେପି ସରକାରର ଜନବିରୋଧୀ ନୀତି ଯଥା, ଶାଗମାଛ ଦରରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ମିତ୍ର ଅର୍ବୁଦପତିଙ୍କୁ ସମର୍ପଣ କରିବା, ବିଫଳ ବୈଦେଶିକ ନୀତି, ଆଦିବାସୀ ଦଳିତମାନଙ୍କ ଉପରେ ଆକ୍ରମଣ ବୃଦ୍ଧି, ମହିଳାମାନଙ୍କ ଉପରେ କ୍ରମବର୍ଦ୍ଧିଷ୍ଣୁ ନିର୍ଯ୍ୟାତନା ଓ ବଳାତ୍କାର, ସାମ୍ବିଧାନିକ ସଂସ୍ଥା ଉପରେ ଆରଏସ୍‌ଏସ୍‌ର କବ୍ଜା, କ୍ରମବର୍ଦ୍ଧିଷ୍ଣୁ ବେରୋଜଗାରୀ ଇତ୍ୟାଦି ବିରୁଦ୍ଧରେ ମିଳିତ ସଂଗ୍ରାମ ଚଳାଇବାକୁ ଆହ୍ୱାନ ଦେଇଥିଲେ। ଚଳିତବର୍ଷ ପାର୍ଟି ପ୍ରତିଷ୍ଠାର ୧୦୦ ବର୍ଷ ପୂରଣ ହେଉଥିବାରୁ ବାଲେଶ୍ୱର, ଭଦ୍ରକ ଓ ମୟୁରଭଂଜ ଜିଲ୍ଲା ମିଳିତଭାବେ ଆସନ୍ତା ଡିସେମ୍ବର-୧୭ ତାରିଖରେ ବାଲେଶ୍ୱର ସହରରେ ଶତବାର୍ଷିକୀ ଉତ୍ସବ ପାଳନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନୀଳଗିରି ପ୍ରଜାମଣ୍ଡଳ ଆନ୍ଦୋଳନ, ଇଞ୍ଚୁଡ଼ିର ଲବଣ ସତ୍ୟାଗ୍ରହ ଓ ଇରମ୍‌ର ରକ୍ତାକ୍ତ ସ୍ୱାଧୀନତା ଆନ୍ଦୋଳନରେ କମ୍ୟୁନିଷ୍ଟମାନଙ୍କର ଭୂମିକାକୁ ଲୋକଲୋଚନକୁ ଆଣି ପାର୍ଟିର ପ୍ରଚାର ପ୍ରସାର କରିବାକୁ ରାଜ୍ୟ ସହସଂପାଦକ ଜୟନ୍ତ ଦାସ ଉପସ୍ଥିତ ନେତୃବୃନ୍ଦଙ୍କୁ ନିବେଦନ କରିଥିଲେ। ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ ସାମ୍ପ୍ରତିକ ରାଜନୈତିକ ଅବସ୍ଥା, କାମଦାମର ବିବରଣୀ ଓ ଆଗାମୀ କାର୍ଯ୍ୟପନ୍ଥାର ଖସଡ଼ା ପ୍ରଦାନ କରିଥିଲେ। ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ନିରଞ୍ଜନ ବାରିକ ନୀଳଗିରିରେ 'ଇକୋ ସେନ୍ସିଟିଭ୍ ଜୋନ୍' ବିରୁଦ୍ଧରେ ଲଗାତର ଭାବରେ ଚାଲିଥିବା ଜନ ଆନ୍ଦୋଳନ ସଂପର୍କରେ ସୂଚନା ଦେଇଥିଲେ। ଆଗାମୀ ୧୫ ତାରିଖରେ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଗଣବିକ୍ଷୋଭ କରାଯିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ସହସଂପାଦକ ମାୟାଧର ନାୟକ, କାର୍ଯ୍ୟକାରୀ କମିଟି ସଭ୍ୟ ଗୌରାଙ୍ଗ ପାଣିଗ୍ରାହୀ, ଜନ୍ମେଜୟ ଶତପଥୀ, ଯତୀନ୍ ପାତ୍ର, ଅଜୟ ପଟ୍ଟନାୟକ, ବିଜୟ ସ'ଙ୍କ ସମେତ ଜୋନ୍ ସଂପାଦକ ଶଶୀକାନ୍ତ ପଣ୍ଡା, ଆଶୁତୋଷ ପରିଡ଼ା, ମାନସ ମହାପାତ୍ର, ଶ୍ୟାମସୁନ୍ଦର ଜେନା, ଅରୁଣା ବାରିକ, ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ, ବନ୍ଦନା ପାତ୍ର, ସୁରେନ୍ଦ୍ର ବେହେରା, ଆରତୀ ଦାଶ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସୋନମ୍ ୱାଙ୍ଗଚୁକ୍‌ଙ୍କୁ ନିଃସର୍ତ୍ତ ଖଲାସ ଦାବିକରି ଏକ ପ୍ରସ୍ତାବ ଗୃହୀତ ହୋଇଛି। ଓଡ଼ିଶା କାରଖାନା ଆଇନ୍-୧୯୪୮, ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ୍-୧୯୫୬ରେ ସଂଶୋଧନ ଆଣି କାର୍ଯ୍ୟଦିବସ ୮ ଘଣ୍ଟାରୁ ୧୦ ଘଣ୍ଟା ବୃଦ୍ଧି ଏବଂ ରାତିରେ ମହିଳା ଶ୍ରମିକଙ୍କୁ କାର୍ଯ୍ୟ କରିବାର ଅନୁମତି ପ୍ରଦାନ ବିରୁଦ୍ଧରେ ଜିଲ୍ଲା ଓ ରାଜ୍ୟସ୍ତରୀୟ ମିଳିତ ଆନ୍ଦୋଳନକୁ ସମର୍ଥନ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକ ଆରମ୍ଭରେ ଦଣ୍ଡାୟମାନ ହୋଇ ଦିବଂଗତ ନେତାଙ୍କ ସ୍ମୃତି ପ୍ରତି ଉପସ୍ଥିତମାନେ ସମ୍ମାନ ଜଣାଇଥିଲେ। ନିହାର ଜେନା ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida